# ଗୁଡଭେଲା ଡାକ୍ତରଖାନାରେ ୪ ନୂଆ ଡାକ୍ତର

**ତୁଷୁରା, ୨୫।୧ (ସମିସ):** ଗୁଡଭେଲା ଡାକ୍ତରଖାନାକୁ ଚାରି ଜଣ ନୂଆ ଡାକ୍ତର ମିଳିଛନ୍ତି। ଏହା ପୂର୍ବରୁ ଡାକ୍ତରଙ୍କ ଅଭାବ ପାଇଁ ଅଞ୍ଚଳବାସୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଥିଲେ। ସଇଁତଲା




ଗସ୍ତରେ ଆସିଥିବା ବର୍ତ୍ତମାନ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଗୁଡଭେଲା ବ୍ଲକବାସୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଦାବିପତ୍ର ଦିଆଯାଇଥିଲା। ୨ ସପ୍ତାହ ଭିତରେ ଶ୍ରୀ ପାଣ୍ଡିଆନ ଏକା ସାଙ୍ଗରେ ଗୁଡଭେଲା ଡାକ୍ତରଖାନାରେ ଏହି ଡାକ୍ତରଙ୍କୁ ନିଯୁକ୍ତି ଦେଇଥିବା ଜଣାପଡ଼ିଛି। ଏହି ଚାରି ଜଣ ଡାକ୍ତର ହେଲେ ଜିତେନ୍ଦ୍ର ପ୍ରଧାନ, କୁନାଲ ପଣ୍ଡା, ସମୀର ଆଚାର୍ଯ୍ୟ ଏବଂ ଇପ୍ସିତା ପ୍ରିୟଦର୍ଶିନୀ ବେହେରା। ଫଳରେ ଗୁଡଭେଲା ଅଞ୍ଚଳବାସୀ ୫-ଟି ଅଧକ୍ଷଙ୍କୁ ଧନ୍ୟବାଦ ଦେଇଛନ୍ତି।

# କ୍ଷୁଦ୍ରଚଳଚିତ୍ର 'ଗଅଁତିଆ ଘରର୍ ପୁଷ୍‌ପୁନି'

**ବଲାଙ୍ଗିର,୨୫।୧(ସମିସ)**

ଦିନକୁ ଦିନ ଗାଁ ସଂସ୍କୃତି ହଜିବାକୁ ବସିଲାଣି । ଗାଁରେ ଏକତା ଭାଙ୍ଗିବାକୁ ବସିଛି। ସାମୂହିକ କଥା ଚିନ୍ତା କରୁବା ଗାଁ ଲୋକେ ପାଶ୍ଚାତ ସଭ୍ୟତାରେ ପଡ଼ି ବକ୍ତିଗତ ସ୍ୱାର୍ଥକୁ ଜଗୁଛନ୍ତି। ଏଭଳି କିଛି ଚିତ୍ର ଓ ଚରିତ୍ରକୁ ନେଇ ଗତିଶୀଳ ହୋଇଛି କୋଶଲି ସମ୍ବଲପୁରୀ କ୍ଷୁଦ୍ରଚଳଚିତ୍ର ଗଅଁତିଆ ଘରର୍ ପୁଷପୁନି। ବଲାଙ୍ଗିର ସହରର ଯୁବ କଳାକାର ଡା.ଆଶୁତୋଷ ମିଶ୍ରଙ୍କ ଦ୍ୱାରା ଲିଖିତ କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନାରେ ଚଳଚିତ୍ରର ନିର୍ମାଣ ହେଇଛି। କ୍ଷୁଦ୍ର ଚଳଚିତ୍ର ମୁଖ୍ୟ ଭୂମିକାରେ ଡା. ଆଶୁତୋଷ ମିଶ୍ର, ଜୟଶ୍ରୀ ଷଡ଼ଙ୍ଗୀ, କମେଡି କିଙ୍ଗ ବିନ୍ଧୁ ମଲ୍ଲିକ, ହିମାଂଶୁ ଖମାରୀ, ଲଳିତ ପୂଜାରୀଙ୍କ ଭଳି ପଶ୍ଚିମ ଓଡ଼ିଶାର ଆଗାଧାଡ଼ିର କଳାକାର ଅଭିନୟ କରୁଛନ୍ତି। ଫିଲ୍ମର ସଂଳାପ ଲିପୁନ ସାହୁ ଓ ବୈଷ୍ଣବ କୁମାର



ଦେଇଥିବା ବେଳେ ଚିତ୍ର ଉତ୍ତୋଳନ, ସମ୍ପାଦନା ଦାୟିତ୍ୱ ଅପୁ ବେହେରା ନିର୍ବାହ କରୁଛନ୍ତି। ଗୀତକୁ ଦେବେନ୍ଦ୍ର ବାରିକ ରଚନା କରିଥିବା ବେଳେ ଶରତ ଦୀପ କଣ୍ଠଦାନ କରିଛନ୍ତି। ଡିଆର୍ ଆଶୁତୋଷ ଫିଲ୍ମସ୍ ପ୍ରଡକ୍ସନ ଆନୁକୂଲ୍ୟରେ କମଳିନୀ ମିଶ୍ର ଓ ଅଳିତ ମିଶ୍ର ପ୍ରଯୋଜନା ଦାୟିତ୍ୱ ନେଇଛନ୍ତି। ଅବିଭକ୍ତ ବଲାଙ୍ଗିର ଜିଲାର ବଡ଼ବାହାଲ, ଶିବତଲା ଓ ରାଜପାଲି ଗାଁରେ ସୁଟିଂ ହେଇଥିବା ବେଳେ ଗ୍ରାମବାସୀ ସହଯୋଗ କରୁଛନ୍ତି। ଭାଷା, ସଂସ୍କୃତି ତଥା ହଜି ଯାଉଥିବା ପରମ୍ପରାର ପୁନରୁଦ୍ଧାରରେ କ୍ଷୁଦ୍ର ଚଳଚିତ୍ର ବିଶେଷ ସହାୟକ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି। ର । ଜ ୟପ । ଲ ପୁରସ୍କୃତପ୍ରାପ୍ତ ଶିକ୍ଷକ ଅଜିତ ମିଶ୍ର, ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରେସ କ୍ଲବ ସଭାପତି ଅରୁଣ ମିଶ୍ର, ବରିଷ୍ଠ କଳାକାର ପ୍ରେମଲାଲ ମିଶ୍ର, ହିମାଂଶୁ ଶେଖର ପୂଜାରୀ ମଞ୍ଚାସୀନ ହୋଇଥିଲେ। ପରିଚାଳନା କରିଥିଲେ ବିଭୂକଲ୍ୟାଣ ଗଡତ୍ୟା ଓ ଧନ୍ୟବାଦ ଅର୍ପଣ କରିଥିଲେ ଅଜୟ ନାଗ।

# ଜିଲ୍ଲା ସାମ୍ବାଦିକ ୟୁନିୟନ ପକ୍ଷରୁ ଦାବିପତ୍ର ପ୍ରଦାନ

**ବଲାଙ୍ଗିର,୨୫।୧(ସମିସ):** ଓଡିଶାରେ ସାମ୍ବାଦିକମାନଙ୍କୁ ପେନସନ ପ୍ରଦାନ ଓ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ଦାବିନେଇ ଓଡିଶା ସାମ୍ବାଦିକ ୟୁନିୟନ (ଓୟୁଜେ) ଅନୁବନ୍ଧିତ ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ୟୁନିୟନ ପକ୍ଷରୁ ବଲାଙ୍ଗିର ଜିଲ୍ଲାପାଳଙ୍କ ଜରିଆରେ ଓଡିଶା ମୂଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସଗଠନର ପକ୍ଷରୁ ଜିଲ୍ଲା ସଭାପତି ପ୍ରଦୀପ୍ତ ମିଶ୍ରଙ୍କ ନେତୃତ୍ୱରେ ଏହି ଦାବିପତ୍ର ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ଅଭୟ ତ୍ରିପାଠୀ, ରାଜ୍ୟ ସାଂଗଠନ ସମ୍ପାଦକ ରିତୁରାଜ ସିଂହ, ଜିଲ୍ଲା ଉପସଭାପତି ଶରତଚନ୍ଦ୍ର ମିଶ୍ରଙ୍କ ସହ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ। ଓଡିଶା ସରକାର ଆସନ୍ତା ବିଧାନସଭା ଅଧିବେଶନରେ ସାମ୍ବାଦିକଙ୍କ ପାଇଁ ପେନସନ ଯୋଜନା ଓ ସୁରକ୍ଷା ଯୋଜନା ଆଇନ ନୀତି ଲାଗୁ କରାଯିବା ପାଇଁ ଦାବି କରିଛି ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ୟୁନିୟନ।

# ଚାଷୀଙ୍କୁ ଦାଉ ସାଜିଲା ଅଦିନିଆ ବର୍ଷା

**ସଇଁତଲା,୨୫।୧(ସମିସ):** ସଇଁତଲା ବ୍ଲକ ଏକ ଅଣଜଳସେଚିତ ଅଞ୍ଚଳ ହୋଇଥିବା ବେଳେ ଏଠିକାର ଅଧିକାଂଶ ଚାଷୀ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି। ଅର୍ଥକାରୀ ଫସଲ ଭାବେ ମୁଗ, ବିରି, କପା ସହ କିଛି ଡାଲି ଜାତୀୟ ଚାଷ କରନ୍ତି। ଡିସେମ୍ବରରେ ଧାନ କଟା ପରେ ଚାଷୀ ଓଦାଳିଆ ମାଟିରୁ ମୁଗ ଓ ବିରି ଅମଳ କରିଥାନ୍ତି। ଦୁଇରୁ ତିନି ଦିନ ହେବ ସଇଁତଲା ଅଞ୍ଚଳରେ ପାଗ କୋହଲା ସାଙ୍ଗକୁ କେତେବେଳେ କେମିତି ଝିପିର ଝିପିର ବର୍ଷା ଯୋଗୁଁ ଡେଙ୍ଗା, ବେଲଗା, ଆମପାଲି, ଡୁଙ୍ଗୁରିପାଲି, କୁମ୍ଭାରି, କରମତଲା ଓ ଧରପଗଡ଼ ସମେତ ବ୍ଲକର ବିଭିନ୍ନ ଅଞ୍ଚଳର ଚାଷ ଓ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ପ୍ରଶାସନ ଏହାର ଉଚିତ ତଦନ୍ତ କରି କ୍ଷତିପୂରଣ ସହାୟତା ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

# ୭୫ ଜଣଙ୍କ ନିଃଶୁଳ୍କ ଅସ୍ଥି ବିସର୍ଜନ ସମାପନ

**ବଲାଙ୍ଗିର, ୨୫।୧(ସମିସ):** ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସହଯୋଗ ଫାଉଣ୍ଡେସନ୍ ଦ୍ୱାରା ନିଃଶୁଳ୍କ ଅସ୍ଥି ବିସର୍ଜନ ସେବା ଅନୁଷ୍ଠିତ ହୋଇଯାଇଛି। ପ୍ରୟାଗରାଜର ପବିତ୍ର ସଙ୍ଗମରେ ୭୫ଜଣଙ୍କର ଅସ୍ଥି ବିସର୍ଜନ କରାଯାଇଥିଲା। ଏହା ସହଯୋଗ ଫାଉଣ୍ଡେସନର ଏକ ପଦକ୍ଷେପ, ଯେଉଁଥିରେ ୭୫ ଜଣଙ୍କ ଅସ୍ଥି ପୂଜାପାଠ ଦ୍ୱାରା ସମ୍ପୂର୍ଣ୍ଣ ହିନ୍ଦୁପଦ୍ଧତି ଏବଂ ନୀତି ସହ କରାଯାଇଥିଲା। ପ୍ରୟାଗରାଜର ପରେ, ପରିତ୍ରାଣର ପବିତ୍ର ସ୍ଥଳ ଗୟାରେ ଅନ୍ୟ ରୀତିନୀତି ସମ୍ପନ୍ନ ହୋଇଥିଲା। ସହଯୋଗ ଫାଉଣ୍ଡେସନ ସଦସ୍ୟ ଦ୍ୱାରା ପୁରୀ ଶ୍ରୀଲୋକନାଥ ମନ୍ଦିରରେ ଗଙ୍ଗାଜଳ ଅର୍ପଣ ଓ ଜଗତର ପ୍ରଭୁ ଜଗନ୍ନାଥ ଧାମ ମହାପ୍ରଭୁଙ୍କ ଦର୍ଶନ କରାଯାଇଥିଲା। ସ୍ଥାନୀୟ ସମ୍ପ୍ରଦାୟର ସହଯୋଗରେ, ସହଯୋଗ ଫାଉଣ୍ଡେସନ୍ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଆର୍ତ୍ତତ୍ରାଣ ପାଢ଼ୀ, ରାମନାରାୟଣ ଦାଶ ଓ ଅନୀଲ ମୋଦୀଙ୍କ ନେତୃତ୍ୱରେ ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମ ସମାପନ ହୋଇଛି।

## ଭାଲେର ଧନୁଯାତ୍ରା ଛଅ ନମର୍ ଦିନ୍

# କାଲିଆ ନାଗ୍ ଦମନ୍ କଲେ କୃଷ୍ଣ

**ବଲାଙ୍ଗିର, ୨୫।୧(ସମିସ):** ଗୋପପୁରେ ବଢୁଛନ୍ କୃଷ୍ଣ ମାହାପୁରୁ। ଭାବ୍ ପ୍ରେମ୍ ରସେ ରସେଇ ଲୀଳା କରୁଛନ୍। କେଭେ ଦହି ଚୁରେଇ ଧରାପଡୁଛନ୍ ତ ଆର୍ କେଭେ କଂସ ପଠେଇଥିବାର୍ ଅସୁର୍ ମାନଙ୍କୁ ମାରି ଗୋପପୁର୍ ର ଲୁକର୍ ଜୀବନ ବଚଁଉଛନ୍। ଷୁଳହ ସହସ୍ର ଗୋପୀ, ଗଉଡ ପିଲା ଏନ୍ତା ସମକିରର୍ ଲାଗି ସେ ହେଇଛନ୍ ନଟଖଟିଆ କୃଷ୍ଣ। ଇନ୍ତା ସମିଆଥି ଗୋପପୁର୍ କେ ଆର୍ ଗୁଟେ କାଲ୍ ପଠେଇଛେ କଂସ୍ ରଜା। କଂସ୍ ରଜାର୍ ଆଦେଶ୍ ଥି ଯମୁନା ନଦୀର୍ ପାଏନ୍ ବିଷ୍ କରିଛେ କାଲିଆ ନାଗ। ପାଏନ ପି ଯଉଥିବାର୍ ଗାଏ ଦାମୁର୍ କେ ଘିଚି କରି ଗିଲିଦଉଛେ। କାଲିଆ ନାଗ୍ ର ଉତ୍ପାତ୍ ଦେଖଲା ଉତାରୁ କୃଷ୍ଣ ନିଜେ ଯମୁନା କେ ଉତରିଛନ୍। ସାତ୍ ଟା ମୁଡ ଟେକିକରି କୁଲା ଏଡେ ଫେନ୍ ଟେକିଥିବରାର୍ କାଲିଆ ନାଗ୍ର ମୁଡେ ଡେଗି ଡେଗି ନାଚିଛନ୍ କୃଷ୍ଣ ମାହାପୁରୁ। ଇ ଖବର୍ ପାଏଲା ଉତାରୁ କଂସ୍ ରଜାର୍ ମୁଡ୍ ଚକରେଇ



ଯାଇଛେ। ହଁଆ ହାରିକରି ବସିଥିବାର୍ ବେଲକେ ନାରଦ୍ ମୁନି ଆସିକରି ଧନୁଯାତ୍ରା କରବାର୍ ଲାଗି ବୁଦ୍ଧି ବତେଇଛନ୍। ନାରଦ୍ ମୁନିର୍ କଥା ସୁନଲା ଉତାରୁ କଂସ୍ ରଜାକେ ହେଲେ ଭାଲେର୍ ନିହେଲେ କୁରୁଲ୍ ବାଗିର୍ ବାଟ୍ ଟେ ଦିଶିଛେ। ଅଭିଶାପ୍ ଲାଗି କଂସ୍ ସିନା ଗୋପପୁର ଯାଇନେଇପାରେ। ଧନୁଯାତ୍ରା ଥି କପଟ୍ କରି କୃଷ୍ଣ ଆର୍ ବଲରାମ୍ କେ ମାରବା। ହେଥିର୍ ଲାଗି ଅକ୍ରୁରକେ ଗୋପପୁର୍ ପଠେଇଛେ। ଭାଲେର୍ ଧନୁଯାତ୍ରା ର ଛଅ ନମର୍ ଦିନେ ଏନ୍ତା ସବୁ ଦୁରଶ୍ ଦେଖବାର୍ ଲାଗି ମିଳିଥିଲା। ମାଏନତା କୁନୁଆ ହିସାବେ ବଲାଙ୍ଗିର ଲୋକସଭା ସାଂସଦ ସଙ୍ଗୀତା ସିଂ ଦେଓ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଆର୍ ସିନ୍ଦୁର ବିନ୍ଦୁ ସିରିଏଲ୍ ର ଅଭିନେତ୍ରୀ ବୁଲବୁଲ୍ ମଚାନ୍ ଠାନେ ବସିଥିଲେ। ଦରବାର୍ କାର୍ଯ୍ୟକ୍ରମ ସରଲା ଉତାରୁ ମୟୂରଭଞ୍ଜ ନୁ ଆସିଥିବାର୍ କଳାକାର ମାନେ ଛଉ ନାଚ୍ କରିଥିଲେ।

## ଫେବୃଆରୀରେ ଆନ୍ତଃବିଦ୍ୟାଳୟ କ୍ରିକେଟ

# ଜାନୁଆରି ୨୯ରେ ସିନିଅର କବାଡ଼ି ଚୟନ ଶିବିର

**ବଲାଙ୍ଗିର, ୨୫।୧(ସମିସ):** ଫେବୃଆରୀ ୨ରୁ କଟକଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ପାଇଁ ଜାନୁଆରୀ ୨୯ ତାରିଖ ସକାଳ ୯ଟାରେ ଗାନ୍ଧୀ ଷ୍ଟାଡିଅମରେ ବରିଷ୍ଠ ବର୍ଗ ମହିଳା ପୁରୁଷ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହେବ। ଇଚ୍ଛୁକ ପ୍ରାର୍ଥୀ ନିଜର ଆଧାର କାର୍ଡ ଓ ଫଟୋ ସହିତ ଉପସ୍ଥିତ ରହିବାକୁ ଜିଲ୍ଲା କ୍ରୀଡା ସଂସଦ ସୂଚନା ଦେଇଛି। ସେହିପରି ଫେବୃଆରୀରେ ଜିଲ୍ଲାସ୍ତରୀୟ ଆନ୍ତଃବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ଆୟୋଜନ କରାଯିବ। ଏହି ପ୍ରତିଯୋଗିତାରେ ଜିଲ୍ଲାର ଯେକୌଣସି ବିଦ୍ୟାଳୟର ସପ୍ତମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର୍ଥୀମାନେ ଅଂଶଗ୍ରହଣ କରିପାରିବେ। ୪୦ ଓଭର ବିଶିଷ୍ଟ ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଚାହୁଁଥିବା ଇଚ୍ଛୁକ ପ୍ରତିଯୋଗୀ ୩୧ ଜାନୁଆରୀ ସୁଦ୍ଧା ଗାନ୍ଧୀ ଷ୍ଟାଡିଅମ କାର୍ଯ୍ୟାଳୟରେ ନିଜର ପଞ୍ଜୀକରଣ ଦାଖଲ କରିବେ। ପଞ୍ଜୀକରଣ ପାଇଁ ପ୍ରଧାନ ଶିକ୍ଷକଙ୍କ ଘୋଷଣାନାମା, ସ୍କୁଲ ପରିଚୟପତ୍ର, ଆଧାରକାର୍ଡ ଓ ଜନ୍ମ ପ୍ରମାଣପତ୍ର ଆବଶ୍ୟକ ରହିଥିବା ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ ସୂଚନା ଦେଇଛନ୍ତି।












# ପ୍ରଭୁ ଶ୍ରୀରାମଙ୍କ ପୋଷ୍ଟର୍ ଚିରାକୁ ନେଇ ଉତ୍ତେଜନା; ଜଣେ ଅଟକ

**ବଲାଙ୍ଗିର, ୨୫।୧(ସମିସ)**

ଅଯୋଧ୍ୟାରେ ଶ୍ରୀରାମଙ୍କ ପ୍ରାଣପ୍ରତିଷ୍ଠା ହେବା ପରେ ସାରାଦେଶରେ ଭକ୍ତିମୟ ପରିବେଶ ଲାଗିରହିଛି। ସମସ୍ତ ଧର୍ମର ଲୋକେ ଏହାକୁ ସ୍ୱାଗତ କରିବା ସହ ଶ୍ରୀରାମଙ୍କ ନାରା ଲଗାଉଛନ୍ତି। ଏଭଳି ଏକ ପରିବେଶ ଭିତରେ ବଲାଙ୍ଗିର ଜିଲ୍ଲା ବେଲପଡ଼ା ଥାନା ଧୁମାଭଟା ଗାଁରେ ଶ୍ରୀରାମଙ୍କ ପୋଷ୍ଟର ଚିରା ଯିବାକୁ ନେଇ ଅସନ୍ତୋଷ ଦେଖାଦେବା ସହ ଉକ୍ତ ଗାଁରେ ଉତ୍ତେଜନା ସୃଷ୍ଟି ହୋଇଛି। ମୁସଲମାନ ବସ୍ତିର ଯୁବକ ପୋଷ୍ଟର ଫାଡିନେଇଥିବା ଜଣାପଡ଼ିବା ପରେ ଏହି ଉତ୍ତେଜନା ଦେଖାଦେଇଥିଲା। ଅଶାନ୍ତି ଉଗ୍ର ରୂପ ନେବା ଆଶଙ୍କାରେ ଗାଁରେ ପୁଲିସ ମୁତୟନ କରାଯାଇଛି। ଏସପି ମଧ ଗାଁକୁ ଯାଇ ଲୋକଙ୍କୁ ବୁଝାସୁଝା କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ବେଲପଡ଼ା ଥାନା ଧୁମାଭଟା ଗାଁରେ ଗତ ୨୨ ତାରିଖରେ ରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ରାମଙ୍କ ଶୋଭାଯାତ୍ରା କରାଯାଇଥିଲା। ଗାଁରେ ଉତ୍ସବର ମାହୋଲ ରହିଥିଲା। ରାମ ମନ୍ଦିର ପ୍ରତିଷ୍ଠା ହେବା ଖୁସିରେ ଗାଁର ଚାରିଆଡେ ପ୍ରଭୁ ଶ୍ରୀ ରାମଙ୍କ ବ୍ୟାନର, ପୋଷ୍ଟର, ଝଣ୍ଡା ଲଗାଯାଇଥିଲା। ତେବେ ୨୪ ତାରିଖରେ ରାତ୍ରିରେ ଗାଁରେ ଥିବା ଏକ ଛୋଟିଆ ମୁସଲମାନ ବସ୍ତିର ଯୁବକ ଉକ୍ତ ପୋଷ୍ଟର, ବ୍ୟାନର ଝଣ୍ଡା ଫାଡିଦେଇଥିବା ଲୋକେ ଦେଖିଥିଲେ। ଏହି ଖବର ପ୍ରଚାର ହେବା ପରେ ସମସ୍ତ ଗ୍ରାମବାସୀ ଏକାଠି ହୋଇ ଏହାକୁ ନିନ୍ଦା କରିଥିଲେ। ମୁସଲମାନ ବସ୍ତିକୁ ଯାଇ ହୋ ହାଲ୍ଲା ଆରମ୍ଭ କରିଥିଲେ। ଯାହାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ବିଷୟରେ ବେଲପଡ଼ା ପୁଲିସ ଜାଣିବା ପରେ ସଙ୍ଗେ ସଙ୍ଗେ ଗାଁରେ ପହଞ୍ଚି ଲୋକଙ୍କୁ ବୁଝାଇବା ପାଇଁ ଚେଷ୍ଟା କରିଥିବା ବେଳେ ସ୍ଥାନୀୟ କିଛି ହିନ୍ଦୁ ସଙ୍ଗଠନର କର୍ମକର୍ତ୍ତା ପହଞ୍ଚି ବିରୋଧ ପ୍ରଦର୍ଶନ କରିଥିଲେ। ଫଳରେ ସମ୍ଭାବ୍ୟ ଉଗ୍ର ଉତ୍ତେଜନା ପରିସ୍ଥିତିକୁ ଆଖିରେ ରଖି ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ଅନ୍ୟପକ୍ଷରେ, ମୁସଲମାନ ବସ୍ତିର କିଛି ଅଞ୍ଚଳ ସରକାରୀ ଜମି ହୋଇଥିବାରୁ ତାକୁ ଶୀଘ୍ର ଉଚ୍ଛେଦ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ତହସିଲଦାର ପହଞ୍ଚି ଲୋକଙ୍କୁ ବୁଝାଇଥିଲେ। ସାତ ଦିନ ଭିତରେ ଏହି ସରକାରୀ ଜମି ଉପରେ ଥିବା ନିର୍ମାଣ ଉଚ୍ଛେଦ କରାଯିବ ବୋଲି ତହସିଲଦାର କହିଥିଲେ। ଏସପି ରିଶିକେଶ ଖିଲାରୀ ମଧ ଧୁମାଭଟାକୁ ଯାଇ ଅନୁଧ୍ୟାନ କରିବା ସହ ଲୋକଙ୍କୁ ଶାନ୍ତି ରଖିବା ପାଇଁ ନିବେଦନ କରିଛନ୍ତି। ଏହି କାମ କରିଥିବା ଯୁବକକୁ ପୁଲିସ ଅଟକ ରଖିଥିବା ବେଳେ ତାକୁ ଗିରଫ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

## ବେଲପଡ଼ା ଥାନା ଧୁମାଭଟା
## ଘଟଣାସ୍ଥଳରେ ଏସପିଙ୍କ ଅନୁଧ୍ୟାନ
## ସରକାରୀ ଜମିରେ ବେଆଇନ ନିର୍ମାଣ ଉଚ୍ଛେଦ ଦାବି



# ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କଲେ ରାଜନେତା

ତୁଷୁରା, ୨୫।୧ (ସମିସ): ତୁଷୁରା ଏନଏସି ଅନ୍ତର୍ଗତ ଧାନଘରା ଗ୍ରାମର ପଙ୍କଜ ରଣା ନିଜ ସମ୍ପର୍କୀୟଙ୍କ ସହ ଗୁଡଭେଲା ପଟରୁ ମଟରସାଇକଲରେ ଧାନଘରାକୁ ଆସୁଥିବା ବେଳେ ଡାହିମାଲ କଲେଜ ସମ୍ମୁଖରେ ଦୁର୍ଘଟଣା ହୋଇଥିଲେ। ଫଳରେ ପଙ୍କଜ ରଣା ଛିଟିକି ପଡି ଖଣ୍ଡିଆ ଖାବରା ହୋଇଥିଲେ। ଗୁଡଭେଲା ଜିଲ୍ଲା ପରିଷଦ ସଭ୍ୟ ରାମନିବାସ ଅଗ୍ରୱାଲ ସେହି ରାସ୍ତା ଦେଇଯାଉଥିବାବେଳେ ପଙ୍କଜ ରଣାଙ୍କୁ ଉଦ୍ଧାର କରି ଗୁଡଭେଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ଏହି କାର୍ଯ୍ୟକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି।

# ବେହେରେନସିଲେଟ ରାସ୍ତାକାମର ଶୁଭାରମ୍ଭ

**ତୁରେକେଲା,୨୫।୧(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଅନ୍ତର୍ଗତ ଚଟୁଅନକା ପଞ୍ଚାୟତ ବେହେରେନସିଲେଟ ଗାଁକୁ ପକ୍କା ରାସ୍ତା ପାଇଁ ଗାଁଲୋକେ ଦୀର୍ଘ ବର୍ଷ ହେଲା ଦାବି କରିଆସୁଥିଲେ। ଚଳିତବର୍ଷ ରାଜ୍ୟ ସରକାର ବେହେରେନସିଲେଟ ଗାଁରୁ ଚଟୁଅନକା ଭାୟା ନାଏକପଡା ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ କରିବାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଛନ୍ତି। ଯାହାଫଳରେ ଗାଁ ଲୋକଙ୍କୁ ଗମନାଗମନ ସୁବିଧା ହେବ। ଗୁରୁବାର ବେହେରେନସିଲେଟ ଗାଁ ପହଞ୍ଚି କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ରାସ୍ତା କାମ ଫଳକ ଉଦଘାଟନ କରି ନଡିଆ ଭାଙ୍ଗି ରାସ୍ତା କାମ ଶୁଭାରମ୍ଭ କରିଥିଲେ। ଏହି ସଭାରେ ଜିଲ୍ଲା ପରିଷଦ କୌଶିକ ମେହେର, ବରିଷ୍ଠ କଂଗ୍ରେସ ନେତା କାର୍ତ୍ତିକ ପୁଟେଲ, ଚଟୁଅନକା ସରପଞ୍ଚ ଜ୍ଞାନରଞ୍ଜନ ତାଣ୍ଡି, ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ମାଝୀ, ଯୁବ କଂଗ୍ରେସ ନେତା ପ୍ରସନ୍ନ ମହାନନ୍ଦ, ପୂର୍ଣ୍ଣ ନିଆଁଳ ସହ ଶତାଧିକ ଗାଁ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।




# ନିର୍ବାଚନ ପୂର୍ବରୁ ଦେଓଗାଁ ଷ୍ଟେସନରେ ରହିବ ଦ୍ରୁତଗାମୀ ଟ୍ରେନ୍: ସଙ୍ଗୀତା

**ଦେଓଗାଁ, ୨୫।୧(ସମିସ):** ଗୁରୁବାର ମତଦାତା ଦିବସ ଅବସରରେ ସାଂସଦ ସଙ୍ଗୀତା ସିଂ ଦେଓ ଗସ୍ତରେ ଆସି ନିର୍ବାଚନ ପୂର୍ବରୁ ଏଠାରେ ଇସ୍ପାତ ଟ୍ରେନ ନିଶ୍ଚିତ ଭାବେ ଅଟକିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀମତୀ ସିଂଦେଓ ଏହା କହିଛନ୍ତି। ପୂର୍ବରୁ ଦେଓଗାଁ ନେହରୁ ଖେଳପଡ଼ିଆରେ ରାଷ୍ଟ୍ରୀୟ ନୂଆ ମତଦାତା ଦିବସ କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅମିତ ସିଂ ନିନାଙ୍କ ନେତୃତ୍ୱରେ ସାଂସଦ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଅମରଜିତ ପଟେଲ, ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ଦିନେଶ ଶର୍ମା, ବନ୍ଧପଡ଼ା ମଣ୍ଡଳ ସଭାପତି ବାସୁଦେବ ସିଂ ନିନା ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ଦେଓଗାଁ ବ୍ଲକ ଜିଓଟ୍ୟାଗ ସଂଘ ପକ୍ଷରୁ ସାଂସଦଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। କୁଡାସିଂହା ମଣ୍ଡଳ ସଭାପତି ପୁରୁଷୋତ୍ତମ ସାହୁ, ଡା. ଶଶିଭୂଷଣ ସାହୁ, ପିଙ୍କୁ ଷାଣ୍ଢେ, ଦୟାମୟ ସାହୁ, ସଞ୍ଜୀବ ସାହୁ, ରଶ୍ମିରଞ୍ଜନ ବାରିକ, ସନ୍ୟାସୀ ସାହୁ, କର୍ତ୍ତାର ସିଂ, ଶୁକଦେବ ବାଗ, ସୁରେଶ ଭୋଇ, ଶଶି ପାଣିଗ୍ରାହୀ, ମିତ୍ରଭାନୁ ରଣା, ଯାଦବ ଦଣ୍ଡସେନା ସମେତ କର୍ମକର୍ତ୍ତା ଓ କଲେଜ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।
























## ନେତାଜୀ, ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

**ହରଭଙ୍ଗା,୨୫।୧(ସମିସ):** ହରଭଙ୍ଗା ବ୍ଲକ ରାମଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦେଶ ସ୍ୱାଧୀନତା ପାଇଁ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଛି। ସୁବାସ ବିଶି, ପ୍ରଧାନ ଶିକ୍ଷକ ଶ୍ରୀନିବାସ ଦେହୁରୀ, ଶିକ୍ଷକ ବିଜନ ମହାନ୍ତି, ଦଶରଥ ଭୋଇ, ଗିରିଜା ଶଙ୍କର ବାଘ, ବିନୟ ରଞ୍ଜନ ପ୍ରଧାନ, କାହ୍ନୁ ଚରଣ ଗିରି, ଶିକ୍ଷୟିତ୍ରୀ ମାନସୀ ସେଠି, ସାବିତ୍ରୀ ବେହେରା ମାଲି, ରଂଜିତା ବେହେରା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ୭ରୁ ଦପଳା ଧନୁଯାତ୍ରା

**ମନମୁଣ୍ଡା,୨୫।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଦପଳା (ଯୁରମୁଣ୍ଡା) ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଫେବୃଆରୀ ୭ରୁ ଆରମ୍ଭ ହୋଇ ୧୩ତାରିଖରେ ସମାପ୍ତ ହେବ। ଏହି ଅବସରରେ କମିଟିର ସଦସ୍ୟମାନେ ନନ୍ଦରାଜା ଓ ନନ୍ଦରାଣୀ ଭାବେ କେଶବ ଦନ୍ତା ଓ ଚନ୍ଦ୍ରକାନ୍ତି ଦନ୍ତାଙ୍କୁ ବରଣ କରିଛନ୍ତି। ଚଳିତ ବର୍ଷ କଂସ ଭୂମିକାରେ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ବରଗଡ଼ରେ କଂସ ଭୂମିକାରେ ଅଭିନୟ କରିଥିବା ଅଭିନେତା ଭୁବନେଶ୍ୱର ପ୍ରଧାନ ଅଭିନୟ କରିବେ।

## ରାଜ୍ୟପାଳଙ୍କୁ ବୌଦ୍ଧ ବାର୍ତ୍ତାବହ ସ୍ମରଣିକା ପ୍ରଦାନ

**ବୌଦ୍ଧ, ୨୫।୧(ସମିସ):** ରାଜ୍ୟପାଳ ରଘୁବର ଦାସ ପ୍ରଥମଥର ପାଇଁ ବୌଦ୍ଧ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସ୍ଥାନୀୟ ଟାଉନ ହଲ୍‌ଠାରେ ଅନୁଷ୍ଠିତ ସାଧାରଣ ସଭାରେ କୃଷକମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ବୌଦ୍ଧ ଜିଲ୍ଲା ଜର୍ଣ୍ଣାଲିଷ୍ଟ ଫୋରମ ତରଫରୁ ଏକ ପ୍ରତିନିଧି ଦଳ ତାଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ପ୍ରତିବର୍ଷ ବୌଦ୍ଧ ପୁସ୍ତକମେଳା ଓ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ପ୍ରକାଶିତ ହେଉଥିବା ସ୍ମରଣିକା ବୌଦ୍ଧ ବାର୍ତ୍ତାବହ-୨୦୨୩ ପୁସ୍ତକ ପ୍ରଦାନ କରିଥିଲେ। ପ୍ରତିନିଧି ମଣ୍ଡଳୀରେ ସାଧାରଣ ସଂପାଦକ ଯୁଗଳ କିଶୋର ସାମଲ, ସଦସ୍ୟ ସତ୍ୟଜିତ ପଣ୍ଡା, ଦିବ୍ୟରଞ୍ଜନ ପଟ୍ଟନାୟକ, ସତ୍ୟନାରାୟଣ ପାଣି, ଦେବାନନ୍ଦ ସାହୁ, ଦୀପକ ଅଦର, ସଞ୍ଜୀବ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ।

## ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଶୁଭାରମ୍ଭ

**ବୌଦ୍ଧ,୨୫।୧ (ସମିସ):** ବୌଦ୍ଧ ଏନଏସି ଅଧୀନ ଶ୍ରୀଜଗନ୍ନାଥ ବିହାର ଅଞ୍ଚଳରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ବିଜେଡି ପକ୍ଷରୁ ଶୁଭାରମ୍ଭ ହୋଇଯାଇଛି। ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ କର୍ମୀମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଦୀପ ଅମାତ ଯୋଗଦେଇ କର୍ମୀମାନଙ୍କୁ ଉଦ୍‌ବୋଧନ ଦେବା ସହିତ ଘର କାନ୍ଥରେ ଶଙ୍ଖଚିହ୍ନ ପୋଷ୍ଟର ଲଗାଇ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

## ‘ଆମ ପ୍ରୟାସ’ର ବାର୍ଷିକ ଉତ୍ସବ

**ଶଗଡ଼ା/ମନମୁଣ୍ଡା, ୨୫।୧ (ସମିସ):** କଣ୍ଟାମାଳ ବ୍ଲକ ଖଟଖଟିଆ ଗ୍ରାପ ବ୍ରାହ୍ମଣୀରେ” ଆମ ପ୍ରୟାସ’ ସାମାଜିକ ସଂଗଠନର ପ୍ରଥମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳ ନନ୍ଦ କିଶୋର ମହାକୁଡ, ହରିହର ପ୍ରଧାନ, ଲକ୍ଷ୍ମଣ ମହାପାତ୍ର, ସରୋଜ ପ୍ରଧାନ, ରଂଜୁ ଅମାତ, ଓମପ୍ରକାଶ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବାମନ ଚରଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

● ଓଡ଼ିଆ ସାହିତ୍ୟ ଉପରେ ଆଲୋଚନାଚକ୍ର

# ‘ଓଡ଼ିଆଙ୍କ ପରିଚୟ ନିଜ ଭାଷା ଓ ଜଗନ୍ନାଥ ସଂସ୍କୃତି’

**ବୌଦ୍ଧ,୨୫।୧(ସମିସ)**

ଜଗନ୍ନାଥ ସଂସ୍କୃତିରେ ବିଦଗ୍ଧ ସାହିତ୍ୟ ସର୍ବଦା ଚିରସ୍ରୋତା। ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ଆମ ଓଡ଼ିଆଙ୍କ ପରିଚୟ। ଆମର ଭାଷା ଓ ସଂସ୍କୃତି ପ୍ରତି ଆମେ ସଚେତନ ରହିଲେ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିବା। ବୌଦ୍ଧ ସରକାରୀ ବହୁବୃତ୍ତି ଶିକ୍ଷାନୁଷ୍ଠାନ ପକ୍ଷରୁ ଆୟୋଜିତ ଓଡିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଲୋଚନା ଚକ୍ରରେ ବକ୍ତାମାନେ ମତପୋଷଣ କରିଛନ୍ତି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ଜେନାଙ୍କ ଅଧ୍ୟକ୍ଷତାରେଆୟୋଜିତ ଆଲୋଚନା ଚକ୍ରରେ ଗୋପାଳପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ, ମୁଖ୍ୟ ବକ୍ତାଭାବେ ବ୍ରହ୍ମପୁର ଭରତପତି ମହାବିଦ୍ୟାଳୟର ଓଡିଆ ବିଭାଗୀୟ ମୁଖ୍ୟ ଡ. ଅଶୋକ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଚିକିଟି ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ଡ. ସଞ୍ଜୟ ପଣ୍ଡା, ପ୍ରବନ୍ଧିକ ଡ. ଲକ୍ଷ୍ମୀନାରାୟଣ ଦାଶ, ସୁ ସାହିତ୍ୟିକ ତଥା ଆଲୋଚକ ଇଂ. ଡ. ସଞ୍ଜୟ ପଣ୍ଡା ଓ ରଘୁନାଥ ଷଡଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତା ଭାବେ ଅନୁଗୋଳ ବହୁବୃତ୍ତି ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଇଂ. ପ୍ରଦୀପ୍ତ ସାହୁ ଓ ବୌଦ୍ଧ ବହୁବୃତ୍ତି ଶିକ୍ଷା ଅନୁଷ୍ଠାନର ଅଧ୍ୟାପକ ଆଶିଷ ସାହୁ ପ୍ରମୁଖ ଯୋଗଦେଇ ଓଡିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ଅଧ୍ୟାପିକା ଅମିତା ଜସ୍ମିନ କାର୍ଯ୍ୟକ୍ରମ ସଂଯୋଜନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

**ହରଭଙ୍ଗା:** ପୁରୁଣା କଟକ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଉଦଘାଟନ ଅବସରରେ ଓଡ଼ିଆ ସାହିତ୍ୟ ଇତିହାସ ଓ ଏଥିରେ ଜଗନ୍ନାଥ ସଂସ୍କୃତି ଉପରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରକୁ ଓଡ଼ିଆ ଭାଷା ସାହିତ୍ୟର ଗବେଷକ ତଥା ଆଞ୍ଚଳିକ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ସୁଦାମ ଚରଣ ପୃଷ୍ଟି ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡ. ରମେଶ ଚନ୍ଦ୍ର ତାରେନିଆଙ୍କ ସଭାପତିତ୍ୱରେ ଆଲୋଚନାଚକ୍ରରେ ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ଲଳିତ ମେହେର, ଡ.



ପ୍ରମୋଦ ମହାପାତ୍ର, ପିତବାସ ମେହେର, ଅଧ୍ୟାପିକା ସୁଷମାରାଣୀ ବହିଦାର, ସୁଭ୍ରାମଲ୍ଲିକା ପ୍ରଧାନ, ପୂଜା ରାଣୀ ଦେଓ ଏବଂ ଦମୟନ୍ତୀ ନାୟକ ଯୋଗ ଦେଇଥିଲେ। ଡ. ପ୍ରମୋଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ପ୍ରିୟଙ୍କା ସାହୁ ମଞ୍ଚ ପରିଚାଳନା କରିଥିଲେ। ଜଗନ୍ନାଥ ସଂସ୍କୃତି ଗବେଷକ ଡ. ସୀତୁ ପ୍ରକାଶ ରଥ ଯୋଗ ଦେଇଥିଲେ।

**କଣ୍ଟାମାଳ:** କଣ୍ଟାମାଳ ବ୍ଲକ ନୂଆଁପାଲି ଆଦିବାସୀ ଉଚ୍ଚ ବିଦ୍ୟାଳୟଠାରେ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ ଚରଣ କ୍ଷେତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଣ୍ଟାମାଳ ବ୍ଲକ ଶିକ୍ଷାଧିକାରୀ ସନୋଜ ସେଠି ମୁଖ୍ୟଅତିଥି, କବି ପରମାନନ୍ଦ ନାଏକ ମୁଖ୍ୟବକ୍ତା, କଣ୍ଟାମାଳ ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା, ମୋ ସ୍କୁଲ ଅଭିଯାନ ସଭାପତି ପ୍ରେମରାଜ ରଣା, ପରିଚାଳନା କମିଟି ସଭାପତି ବିବଛ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାଙ୍କ ସୃଜନଶୀଳତାର ବିକାଶ ଦିଗରେ ମନ୍ତବ୍ୟ ରଖିଥିଲେ। ସହକାରୀ ଶିକ୍ଷକ ଜବରସିଂ ବନଛୋର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପ୍ରେମରାଜ ରଣା ଧନ୍ୟବାଦ ଦେଇଥିଲେ।

**ହରଭଙ୍ଗା/ଚାରିଛକ:** ପୁରୁଣା କଟକ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟରେ ଆମ ଜଗନ୍ନାଥ ଆମ ସଂସ୍କୃତି ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରମେଶ ଚନ୍ଦ୍ର ତାରେନିଆ ସଭାପତିତ୍ୱ କରିଥିଲେ। ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଶିତୁ ପ୍ରକାଶ ରଥ ମୁଖ୍ୟ ବକ୍ତା, ସମ୍ମାନୀତ ଅତିଥି ଭାବରେ ଦାମୋଦର ସାହୁ, କବୟିତ୍ରୀ ଗୀତାଞ୍ଜଳି ମହାପାତ୍ର ଓ କବି ବିରଞ୍ଚି ନାରାୟଣ ମହାପାତ୍ର ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରମୋଦ ମହାପାତ୍ର ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଶୁଭ୍ରା ମଲ୍ଲିକା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ପୂଜା ରାଣୀ ଦେଓ, ଦମୟନ୍ତୀ ନାୟକ, ଅଧ୍ୟାପକ ରଞ୍ଜିତ ସାମଲ, ପିତବାସ ମେହେର ସହଯୋଗ କରିଥିଲେ। ସେହିଭଳି ହରଭଙ୍ଗାସ୍ଥିତ ଆଞ୍ଚଳିକ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଧ 'ଉତ୍କଳୀୟ ସଂସ୍କୃତିରେ ଶ୍ରୀ ଜଗନ୍ନାଥ' ବିଷୟକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଅଧ୍ୟକ୍ଷ ହିମାଂଶୁ ଶେଖର ରାଉତଙ୍କ ଅଧ୍ୟକ୍ଷତାରେ ଫିରିଙ୍ଗିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ବିଭୂତି ଭୂଷଣ ଶତପଥୀ ଯୋଗ ଦେଇଥିଲେ।

## ରେଡକ୍ରସ୍ ତରଫରୁ ସାମାଜିକ ସେବା ଶିବିର

**ଉଲୁଣ୍ଡା,୨୫।୧(ସମିସ):** ତିକୁଡା ଗ୍ରାମରେ ରାମ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅବସରରେ କୁମାରକେଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୦ ଜଣ ଜୁନିୟର ଓ କୁମାରକେଳି ଉଚ୍ଚ ବିଦ୍ୟାଳୟର ୧୦ ଜୁନିୟର ରେଡ଼କ୍ରସ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାମାଜିକ ସେବା ଶିବିର ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଏହାକୁ ଉଦ୍‌ଘାଟନ କରିଥଲେ। ଜୁନିୟର ରେଡ଼କ୍ରସ ଅଫିସର ରବିଚନ୍ଦ୍ର ପଶାୟତ, ଉଲୁଣ୍ଡା ବିସିସି ପ୍ରହଲ୍ଲାଦ ନାୟକ, ବୀରମହାରାଜପୁର ବିସିସି ବୈକୁଣ୍ଠ ନାୟକ, ବରିଷ୍ଠ ସାଧନ କର୍ମୀ ଚନ୍ଦ୍ରମଣି ବାଘ, ଚନ୍ଦ୍ରମଣି ମହାପାତ୍ର, ଜଗଦୀଶ ଦାଶ, ହିଙ୍ଗମା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ ପାଢ଼ୀ, କୈରାଝୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ପଧାନ ପ୍ରମୁଖ ଯୋଗ ଦେଇଥିଲେ। କୋଟ ସମଲାଇ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅନିରୁଦ୍ଧ ପାଢ଼ୀ ଓ କୁମାରକେଳି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନରୁଚି ଭୋଇ ଅତିଥି ଭାବେ ଯୋଗ ଦେଇଥିଲେ। ହୃଷିକେଶ ଚାନ୍ଦ ପରିଚାଳନା କରିଥିଲେ। ଶିକ୍ଷକ ଭରତ ହରିପାଲ, ଶିବରାମ ଚାନ୍ଦ, ଦିଲ୍ଲୀପ ପଣ୍ଡା, ଉଚ୍ଚ ବିଦ୍ୟାଳୟର ବାଚସ୍ପତି ପଣ୍ଡା, ଇନ୍ଦ୍ରମଣି ପଧାନ, ପରିଚାଳନା କମିଟି ସଭାପତି ରଞ୍ଜନ ପଧାନ, ବିନୋଦ ମହାପାତ୍ର, ସରୋଜ ସେଠୀ, ସାରଦା ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ତରଭା,୨୫।୧(ସମିସ):** ତରଭା ବ୍ଲକ ମେଣ୍ଡା ମହର୍ଷି ବୁଦ୍ଧରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାନୁଆରୀ ୧୭ରୁ ଛାତ୍ରୀମାନଙ୍କ ପାଇଁ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ ପାଢୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଓଡିଆ ଅଧ୍ୟାପକ ଜିତେନ୍ଦ୍ର କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ସୁଶ୍ରୀ ସାଗରିକା ସିଂହ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଦିବାକର ପୋଢ, ରଘୁରାଜ ସିଂ ସେନାପତି, ଆନନ୍ଦ ସାହୁ, ସଚ୍ଚିଦାନନ୍ଦ ଦେହେରୀ, ମାଷ୍ଟର ଟ୍ରେନର୍ ସୁଶ୍ରୀ ବିଣାପାଣୀ ମେହେର ଓ ସୁଶ୍ରୀ ଶିବାନୀ ପଟ୍ଟନାୟକ ଉପସ୍ଥିତ ଥିଲେ। ଶେଷରେ ଖେଳ ଶିକ୍ଷକ ଅକ୍ଷୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ

**ବିନିକା,୨୫।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ୍ ସିଲାଟି-ଭଣ୍ଡାର ରାସ୍ତାରେ ଥିବା କୁଷ୍ଠାଶ୍ରମର ଅନ୍ତେବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଲେପ୍ରା ସୋସାଇଟି ଓଡିଶା ରାଜ୍ୟ ଆମ୍ବାସେଡର ଗୋରେଖନାଥ ସାହୁଙ୍କ ସମେତ ସୋସାଇଟି ପ୍ରୋଗ୍ରାମ ମୁଖ୍ୟ ନବୀନ ସଟଲ, କୋରାପୁଟ ପ୍ରୋଗ୍ରାମ ଅଫିସର ନେତ୍ରନନ୍ଦ ସାହୁ, ସୁବର୍ଣ୍ଣପୁର ଲେପ୍ରା ସୋସାଇଟି ସଂଯୋଜକ ନୃସିଂହ ଚରଣ ମିଶ୍ର ଓ ଫିଜିଓଥେରାପିଷ୍ଟ ଅନନ୍ୟା ମହାରଣା ପ୍ରମୁଖ ସହଯୋଗ କରିଥିଲେ।


DADLS-94

ଓଡ଼ିଶା ସରକାର

## ରୂପାନ୍ତରିତ ଓଡ଼ିଶା : ବିକାଶର ଜୟଯାତ୍ରା

- ପଞ୍ଚାୟତ ସ୍ତରରେ ମିଶନ ଶକ୍ତି ଗୃହ, ଇ-ପାଠାଗାର, ବ୍ୟାଙ୍କ୍ ସେବା, ଯୁବପିଢ଼ିଙ୍କୁ କ୍ରୀଡା ସୁବିଧା, ଡିଜିଟାଲ୍ ସେବା ଇତ୍ୟାଦି ନିମନ୍ତେ ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରକଳ୍ପକୁ କେନ୍ଦ୍ରକରି ପଞ୍ଚାୟତ ସ୍ତରରେ ଯୋଜନା ପ୍ରଣୀତ ହୋଇଛି।
- ଗୁଣାତ୍ମକ ଶିକ୍ଷାପ୍ରତି ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ରାଜ୍ୟରେ ୫-ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ, ସ୍ମାର୍ଟ ଶ୍ରେଣୀଗୃହ ଏହା ପ୍ରମାଣିତ କରିଛି।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ସାଧନ ଦିଗରେ ମାଇଲଖୁଣ୍ଟ ସଦୃଶ।
- ଗ୍ରାମୀଣ ଓଡ଼ିଶାର ରୂପାନ୍ତରଣ ଓ ଗ୍ରାମାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଆମ ଓଡ଼ିଶା ନବୀନ ଓଡ଼ିଶାର ଆଭିମୁଖ୍ୟ।
- ସବୁ ଗ୍ରାମାଞ୍ଚଳ ପରିବାରକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଲକ୍ଷ୍ୟରେ ବିଏସ୍‌କେୱାଇ ନବୀନ କାର୍ଡ ପ୍ରଚଳନ।
- ସମଗ୍ର ବିଶ୍ୱରେ ଅଗଣିତ ଜଗନ୍ନାଥପ୍ରେମୀ ଏବଂ ଭକ୍ତଙ୍କୁ ଦିବ୍ୟ ଅନୁଭୂତି ପ୍ରଦାନ କରୁଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ।
- ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ଖୁବ୍ ଶୀଘ୍ର ଲୋକାର୍ପିତ ହେବାକୁ ଥିବା ସମଲେଇ ପ୍ରକଳ୍ପ ଓଡ଼ିଶାରେ ସାଂସ୍କୃତିକ ପରମ୍ପରାର ନୂତନ ଯୁଗ ପ୍ରବର୍ତ୍ତନ କରିଛି।
- ରାଜ୍ୟ ସରକାରଙ୍କ ଆନ୍ତରିକ ପ୍ରଚେଷ୍ଟା ଫଳରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସତ୍ୟବାଦୀଠାରେ କାର୍ଯ୍ୟକ୍ଷମ ହୋଇଛି ଏବଂ ରାଜ୍ୟରେ ଖୁବ୍ ଶୀଘ୍ର ରାଜ୍ୟର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି।
- କୃଷି, ଶିଳ୍ପ ବିକାଶ ଓ ଅର୍ଥନୀତି କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛି।
- ରାଜ୍ୟର ବୈଧ ଆଧାର କାର୍ଡ଼ଧାରୀ ଯେକୌଣସି ବ୍ୟକ୍ତି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ସୁଫଳ ପାଇବା ନିମନ୍ତେ ଯୋଗ୍ୟ ଅଟନ୍ତି।
- ସରକାରୀ ଚିକିତ୍ସାଳୟରେ ରୋଗୀ ଏବଂ ସେମାନଙ୍କ ସହଯୋଗୀମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ସୁଖଦ ଅନୁଭୂତି ଯୋଗାଉଛି ଆମ ହସ୍ପିଟାଲ କାର୍ଯ୍ୟକ୍ରମ।
- ବିଗତ ୨୪ ବର୍ଷ ମଧ୍ୟରେ ଓଡ଼ିଶା ଖାଦ୍ୟଶସ୍ୟ ଏବଂ ବିଦ୍ୟୁତ ଶକ୍ତିରେ ବଳକା ରାଜ୍ୟ ଭାବେ ଉଭା ହୋଇଛି।
- ରାଜ୍ୟରେ ବିପୁଳ ପରିମାଣର ଇସ୍ପାତ ଉତ୍ପାଦନ ସହ ଓଡ଼ିଶା ଆଜି ପ୍ରଗତିର ରୂପାନ୍ତରଣ କ୍ଷେତ୍ରରେ ନୂତନ ଶିଖର ଛୁଇଁଛି।
- ଉଦ୍ୟୋଗୀକରଣର ଅଭିବୃଦ୍ଧି ସହ ଓଡ଼ିଶା ଆଜି ଦକ୍ଷତା ବିକାଶର ଅଗ୍ରଣୀ ହବ୍ ରୂପେ ପରିଚିତି ଲାଭ କରିଛି।
- ଷ୍ଟାର୍ଟ-ଅପ୍‌ର ଅନୁକୂଳ ବାତାବରଣ ସୃଷ୍ଟି ଲକ୍ଷ୍ୟରେ ରାଜ୍ୟ ସରକାର ନିରନ୍ତର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି।
- ଶୁଷ୍କ ଓ ଉଚ୍ଚ ଜମିରେ ଜଳସେଚନ ସୁବିଧା ବ୍ୟାପକ କରିବା ଲକ୍ଷ୍ୟରେ ୨୭୨୩ କୋଟି ଟଙ୍କା ବ୍ୟୟରେ ଲୋୟର ସୁକତେଲ ପ୍ରକଳ୍ପ ଆରମ୍ଭ ହୋଇଛି। ବଲାଙ୍ଗିର ଓ ସୁବର୍ଣ୍ଣପୁର ଜିଲ୍ଲାର ଏକ ଲକ୍ଷ ଏକର ଚାଷଜମି ଜଳସେଚିତ ହେବା ସହ ୮୦ ହଜାର କୃଷକ ଉପକୃତ ହେବେ।
- ସହରାଞ୍ଚଳ ବିକାଶ ଲକ୍ଷ୍ୟରେ ରୋଜଗାର ସୃଷ୍ଟିକାରୀ ଯୋଜନା ମୁକ୍ତା କାର୍ଯ୍ୟକାରୀ ହୋଇଛି ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମେତ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଭଳି ଅନନ୍ୟ ଯୋଜନା ରାଜ୍ୟକୁ ନୂତନ ପରିଚୟ ପ୍ରଦାନ କରିଛି।
- ପଶ୍ଚିମ ଓଡ଼ିଶାର କୃଷି କ୍ଷେତ୍ରରେ ବ୍ୟାପକ ଉନ୍ନତି ଲକ୍ଷ୍ୟରେ ହୀରାକୁଦ ଜଳଭଣ୍ଡାରରୁ ଜଳ ଉଠାଯାଇ ବରଗଡ଼ ଜିଲ୍ଲାର ବ୍ୟାପକ ଚାଷଜମିରେ ଜଳସେଚନ ଲକ୍ଷ୍ୟରେ ନିର୍ମାଣାଧୀନ ବୃହତ୍ ଜଳସେଚନ ପ୍ରକଳ୍ପ ମାଇଲଖୁଣ୍ଟ ସଦୃଶ।
- ଲକ୍ଷ୍ମୀ ବସ୍ ସେବା ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳ ଓଡ଼ିଶାର ଯୋଗାଯୋଗରେ ବୈପ୍ଳବିକ ରୂପାନ୍ତରଣ ଆଣିଛି। ଗ୍ରାମୀଣ ବସ୍‌ଯାତ୍ରୀଙ୍କ ଯାତାୟାତ ସୁବିଧା ସାଙ୍ଗକୁ ବ୍ୟବସାୟ ଦିଗରେ ପରିବହନ ସେବାକୁ ଏହା ସୁବ୍ୟବସ୍ଥିତ କରିଛି।
- ଓଡ଼ିଆ ଭାଷା-ସାହିତ୍ୟ ବିକାଶରେ ନୂତନ ଅଧ୍ୟାୟ ସୃଷ୍ଟି ହେବା ସହ ଯୁବପିଢ଼ିଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତି ଅଗ୍ରହ ସୃଷ୍ଟି ଲକ୍ଷ୍ୟରେ ଓଡ଼ିଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି।
- ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି, ରୋଜଗାର ସୃଷ୍ଟି ତଥା ଯୁବ ଉଦ୍ୟୋଗୀମାନଙ୍କୁ ମାଛଚାଷ ପ୍ରତି ଆକୃଷ୍ଟ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ବାୟୋଫ୍ଲକ୍ (ଜୈବପୁଞ୍ଜ) ଜରିଆରେ ସଘନ ମାଛ ଓ ଚିଙ୍ଗୁଡ଼ି ଚାଷକୁ ସୁନିଶ୍ଚିତ କରିଛନ୍ତି।
- ରାଜ୍ୟରେ ଦୁର୍ଗମ ତଥା ଅନଗ୍ରସର ଅଞ୍ଚଳ ସମେତ ସମଗ୍ର ଓଡ଼ିଶାରେ ଉନ୍ନତ ମାନର ଗମନାଗମନ ବ୍ୟବସ୍ଥା ସୁଗମ ହୋଇଛି। ପର୍ଯ୍ୟଟକ ଓ ଯାତ୍ରୀମାନଙ୍କୁ ମୌଳିକ ସୁବିଧା ପ୍ରଦାନ ଉଦ୍ଦେଶ୍ୟରେ ପ୍ରମୁଖ ରାସ୍ତାରେ ପଥପାର୍ଶ୍ୱ ସୁବିଧା କେନ୍ଦ୍ର ନିର୍ମାଣ କରାଯାଇଛି।



ସୂଚନା ଓ ଲୋକସମ୍ପର୍କ ବିଭାଗ

ଆମ ଓଡ଼ିଶା ନବୀନ ଓଡ଼ିଶା

Skilled in ODISHA

OIPR-15001/13/0290/2324

# ସାଧାରଣତନ୍ତ୍ର ଦିବସରେ ସମ୍ବର୍ଦ୍ଧିତ ହେବେ ପାହାଡ଼ି କନ୍ୟା ଫୁଲମେ ମାଝୀ

**ଭବାନୀପାଟଣା, ୨୫।୧(ସମିସ)**

ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟ ସରକାରଙ୍କ ଆଦିବାସୀ ଭାଷା ଓ ସଂସ୍କୃତି ବିଭାଗ ତରଫରୁ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଭଳି ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଫୁଲମେ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ସେବା ଓ ତ୍ୟାଗର ମହାମନ୍ତ୍ରରେ ଦୀକ୍ଷିତ ଫୁଲମେ ମାଝୀ ଅବହେଳିତ, ଦାରିଦ୍ର୍ୟ ଓ ନିଷ୍ପେସିତ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗୀକୃତ କରିଆସିଛନ୍ତି। ସରଳ ଜୀବନ ଜିଇଁବା ହିଁ ଫୁଲମେଙ୍କ ପ୍ରଥମ ପସନ୍ଦ ହୋଇଥିଲେ ମଧ୍ୟ ଅନ୍ୟର ଦୁଃଖ ପାଇଁ ଏବଂ ନିଜ ମାଟିର ମଣିଷଙ୍କ ଲାଗି ସଂଗ୍ରାମୀ ମନୋଭାବ ଠାରୁ ଦୂରେଇ ରହିପାରୁ ନ ଥିଲେ। ତାଙ୍କର ବିଶେଷ ଗୁଣ ଏହା ଥିଲା ଯେ କେବେ କୌଣସି ଲାଳସା ଦ୍ୱାରା ପ୍ରଭାବିତ ହୋଇନାହାନ୍ତି। ଆଜିର ବସ୍ତୁବାଦୀ ଅର୍ଥସର୍ବସ୍ୱ ଦୁନିଆର ଚାକଚକ୍ୟ ତିଳେମାତ୍ର ସ୍ପର୍ଶ କରିପାରିନାହିଁ ତାଙ୍କୁ। ଅସରନ୍ତି ସ୍ମୃତି ଭିଡ଼ର ମଣିଷଟିଏ ସାଜି ଆଗେଇ ଚାଲିଥିବା ଫୁଲମେଙ୍କୁ କଳାହାଣ୍ଡିର ଏକମାତ୍ର ଝିଅ ଭାବେ ସମ୍ବର୍ଦ୍ଧିତ କରିବାକୁ ଚୟନ କରାଯାଇଛି। ଫୁଲମେଙ୍କ ନିଃସ୍ୱାର୍ଥପର ସେବା, ନିଷ୍ଠା ଓ ଆଦର୍ଶ ମୂଲ୍ୟବୋଧ ପାଇଁ ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଜାନୁଆରୀ ୨୬ ତାରିଖରେ ଆଦିବାସୀ ମେଳାରେ ସମ୍ବର୍ଦ୍ଧିତ ହୋଇ କଳାହାଣ୍ଡି ପାଇଁ ଗର୍ବର କାରଣ ହୋଇଛନ୍ତି। ଖୁବ୍ କମ୍ ବୟସରୁ ପର ପାଇଁ ସମୟ ଓ ଶ୍ରମଦାନ କରି ଦୁଃଖସୁଖରେ ନିଜକୁ ସାମିଲ କରି ବହୁ ଅସଜଡା ଘରକୁ ସଜାଡିବାରେ ଫୁଲମେ ମାଝୀ ସିଦ୍ଧହସ୍ତ। କେବଳ ଏତିକି ନୁହେଁ ନାରୀ ଶିକ୍ଷା ଓ ନିଶା ନିବାରଣ ଅଭିଯାନ ତାଙ୍କୁ ଅଧିକ ଭାବପ୍ରବଣ କରିଛି। ସେ ନିଜେ ନିଜ ଚେଷ୍ଟାରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ ମଧ୍ୟ ଏବେ ବିଭିନ୍ନ ଜାଗାରେ ଶହ ଶହ ମହିଳାଙ୍କ ପାଇଁ ମାଷ୍ଟର ଟ୍ରେନର୍ ପାଲଟିଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବସବାସ କରୁଥିବା ଶିଶୁ ଓ ମହିଳାଙ୍କୁ ଶିକ୍ଷାର ଆଲୋକ ଦେଖାଇବା ସହିତ ମହିଳାମାନଙ୍କୁ ଶିକ୍ଷା ସହ ଯୋଡ଼ିବାର ପ୍ରୟାସ ଜାରି ରଖିଛନ୍ତି। ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ସହିତ ଜଡିତ ରହି ପ୍ରିୟଭାଜନ ହେଉଥିବା ବେଳେ ଲାଞ୍ଜିଗଡ଼ ବ୍ଲକର ବନ୍ଧପାରି ଗ୍ରାମପଞ୍ଚାୟତର ଲୋକମାନେ ତାଙ୍କୁ ଦୁଇ ଦୁଇ ଥର ସରପଞ୍ଚ ଭାବେ ନିର୍ବାଚିତ କରିଛନ୍ତି। ସାମାଜିକ ସଚେତନତା କାର୍ଯ୍ୟକ୍ରମ, ମଦବିରୋଧି ଆନ୍ଦୋଳନ ସହିତ ମହିଳା ସଶକ୍ତିକରଣ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରି ବେଶ୍ ପ୍ରଶଂସିତ ହୋଇଛନ୍ତି। ଦୀର୍ଘକାଳ ସମାଜସେବାରେ ଲିପ୍ତ ରହିବା ସହ ଏକ ସ୍ୱେଚ୍ଛାସେବୀ ସଂସ୍ଥା ବିଶ୍ୱନାଥପୁର ଆଞ୍ଚଳିକ ଉନ୍ନୟନ ସମିତି (ଉନ୍ନୟନ) ଗଠନ କରି କେବଳ ଲାଞ୍ଜିଗଡ଼ ନୁହେଁ ସମଗ୍ର କଳାହାଣ୍ଡିର ପଞ୍ଚାୟତସ୍ତରୀୟ ପ୍ରତିନିଧିମାନଙ୍କୁ ନିଜର ଦାୟିତ୍ୱ, ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ତାଲିମ ଦେଇ ଆସୁଛନ୍ତି। ଅନେକ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହେବା ସହ ନେହରୁ ଯୁବ କେନ୍ଦ୍ର ଦ୍ୱାରା ଯୁବ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଜଣେ ମାଷ୍ଟର ଟ୍ରେନର୍ ଭାବେ ଭାରତ ବର୍ଷର ବିଭିନ୍ନ ଅଞ୍ଚଳକୁ ଯାଇଛନ୍ତି। କେବଳ ସେତିକି ନୁହେଁ, ମାଟି ମା'ର ସୁରକ୍ଷା ପାଇଁ ୨୦୦୭ ମସିହାରେ ଲଣ୍ଡନ ଗସ୍ତ କରିଥିବା ତାଙ୍କ ଜୀବନ ପାଇଁ ଏକ ଭିନ୍ନ ଅନୁଭବ। ଜଣେ ଜନପ୍ରିୟ ନାରୀନେତ୍ରୀ ଭାବେ ସେ କାର୍ଯ୍ୟ କରୁଛନ୍ତି। ଆଦିବାସୀ ଓ ଦଳିତ ବର୍ଗ ଓ ଗରିବ ମାଆ, ଅସହାୟ ଶିଶୁ ମାନଙ୍କ ପାଇଁ ଫୁଲମେ ନାନୀ ନାମରେ ବେଶ୍ ପରିଚିତ। ଏପରିକି କରୋନା କାଳରେ ମଧ୍ୟ ସାହସର ସହିତ ଦୁର୍ଗମରୁ ଅତି ଦୁର୍ଗମ ଅଞ୍ଚଳ ଗସ୍ତ କରି ୩୦୦ରୁ ଉର୍ଦ୍ଧ୍ୱ ପରିବାରକୁ ପ୍ରତିଦିନ ଖାଦ୍ୟ ଯୋଗାଇ ଦେବାର ଗୁରୁଦାୟିତ୍ୱ ତୁଲାଇଛନ୍ତି। ଲାଞ୍ଜିଗଡ଼ ବ୍ଲକର ବନ୍ଧପାରି ପଞ୍ଚାୟତ ଅନ୍ତର୍ଗତ ରାଜେନ୍ଦ୍ରପୁର ଗ୍ରାମରେ ତାଙ୍କର ଜନ୍ମ ୩ ମାର୍ଚ୍ଚ ୧୯୮୨ ମସିହାରେ। ପାହାଡ଼ୀ କନ୍ୟା ଫୁଲମେଙ୍କୁ ଅବିବାହିତ ଜୀବନର ଅଭାବବୋଧ ମଧ୍ୟ କେବେବେଳେ ବିଚଳିତ କରିପାରିନାହିଁ। ଲାଞ୍ଜିଗଡ଼ ଭଳି ପ୍ରକୃତିର ସୌନ୍ଦର୍ଯ୍ୟ ଭିତରେ ଫୁଲମେ ନାନୀ ଯେମିତି ଜଣେ ସୀମାହୀନ ଚେତନଶିଳ ମହିଳା ଭାବେ ସମଗ୍ର ଆଦିବାସୀ ସମାଜ ପାଇଁ ଉଦାହରଣ ସାଜିଛନ୍ତି। ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନସ୍ଥ ଏକାଡେମୀ ଅଫ ଟ୍ରାଇବାଲ ଲାଙ୍ଗୁଏଜ ଏଣ୍ଡ କଲଚର ତରଫରୁ ଆସନ୍ତା ୨୬ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱର ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ହେବାକୁ ଥିବା ଆଦିବାସୀ ମେଳାରେ ତାଙ୍କୁ ସମ୍ମାନିତ କରାଯିବ। ସାରା ରାଜ୍ୟରୁ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ୧୦ ଜଣ ଆଦିବାସୀଙ୍କୁ ସମ୍ମାନିତ କରାଯିବାକୁ ଥିବାବେଳେ କଳାହାଣ୍ଡିର ଜିଲ୍ଲାର ଜଣେ ମାତ୍ର ବ୍ୟକ୍ତିତ୍ୱ ଭାବେ ଫୁଲମେ ସମ୍ମାନିତ ହେବେ ବୋଲି ସୂଚନା ମିଳିବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।



# ସଙ୍କୁଳସ୍ତରୀୟ ଶିଶୁ ଶିବିର

**ମ.ରାମପୁର, ୨୫।୧(ସମିସ):** ମ.ରାମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଦୁଇ ଦିନ ଧରି କେସିଙ୍ଗା ସଂକୁଳର ଶିଶୁ ଶିବିର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଅଶ୍ୱିନୀ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତୁଜୁଙ୍ଗ ହାଇସ୍କୁଲ ପ୍ରଧାନଶିକ୍ଷକ ଦିବାକର ସାହୁ, ସମ୍ମାନିତ ଅତିଥି ପୂର୍ବତନ ପ୍ରଧାନଆଚାର୍ଯ୍ୟ ଗୋପାଳ କୃଷ୍ଣ ମାଝୀ ଏବଂ ମୁଖ୍ୟବକ୍ତା ଭାବେ ପରିଦର୍ଶିକା, ସମନ୍ୱିତ ଶିଶୁ ବିକାଶ କୁସୁମମଞ୍ଜରୀ ପଣ୍ଡା ଯୋଗ ଦେଇଥିଲେ। ସମାରୋପ ଉତ୍ସବରେ ମୁଖ୍ୟଅତିଥି ଭାବେ ମ.ରାମପୁର ମହା ବିଦ୍ୟାଳୟ ଅଧ୍ୟକ୍ଷ ସୁଧାଂଶୁ ଶେଖର ପଣ୍ଡା, ସମ୍ମାନିତ ଅତିଥି ଭାବେ ତ୍ରିନାଥ ବିଶୋୟୀ, ମୁଖ୍ୟବକ୍ତା ଭାବେ ସଭାପତି, ଶିକ୍ଷା ବିକାଶ ସମିତି ଦକ୍ଷିଣ ସମ୍ଭାଗ, ରୂପସିଂ ରାଉତ ଉପସ୍ଥିତ ଥିଲେ। ପ୍ରଧାନାଚାର୍ଯ୍ୟ ଡ. କିଶୋର ଚନ୍ଦ୍ର ତ୍ରିପାଠୀ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ରଜନୀକାନ୍ତ ମହାଖୁଡ ଧନ୍ୟବାଦ ଅର୍ପଣ କରିଥିଲେ। କେସିଙ୍ଗା ସଂକୁଳ ପ୍ରମୁଖ ମୋହନ ପୁଟେଲ, ସଂକୁଳ ସଂଯୋଜକ ପ୍ରବୀଣ କୁମାର ବେହେରା, ଉପ ସଭାପତି ଅଶୋକ ବିଶ୍ୱାଳ, କୋଷାଧ୍ୟକ୍ଷ ହେମନ୍ତ ସାହୁ ମଞ୍ଚାସୀନ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଭାଗୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ଶିଶୁ ଭାଇ ଭଉଣୀମାନେ ଅନେକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମାତୃ ଭାରତୀ, ପୂର୍ବ ଛାତ୍ର, ଅଭିଭାବକଅଭିଭାବିକା, ଗୁରୁଜୀଗୁରୁମାଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଛି।




# ଜାତୀୟ ଭୋଟର ଦିବସ ପାଳିତ

**ମ.ରାମପୁର, ୨୫।୧(ସମିସ):** କଳାହାଣ୍ଡି ଜିଲ୍ଲା ମ. ରାମପୁର ବୁଥ ନଂ ୨୬୩, ୨୬୪ ଓ ୨୬୫ ଅନ୍ତର୍ଗତ ନୋଡାଲ ସ୍କୁଲଠାରେ ଜାତୀୟ ଭୋଟର ଦିବସ ପାଳନ କରାଯାଇଛି। ପ୍ରଥମେ ମ ରାମପୁର ସହରରେ ଭୋଟର ସଚେତନତା ସ୍ଲୋଗାନ ସହ ସହର ପରିକ୍ରମା କରାଯାଇଥିଲା। ଏହାପରେ ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନୂତନ ଭୋଟରମାନଙ୍କୁ ସଚେତନ କରାଯିବା ସହ ଭୋଟର କାର୍ଡ ପ୍ରଦାନ କରାଯାଇଥିଲା। ଏହି ଭୋଟର ଦିବସ ଅଭିଯାନରେ ବିଏଲଓ ମୋହନ ନାଏକ, ଫିରୋଜ ରଣା, ସହସ୍ରାଂଶୁ ମହାକୁଡ଼, ଦୟାବନ୍ତ ବାଗ, ପ୍ରଶାନ୍ତ ଦଣ୍ଡସେନା ଓ ସୁପରଭାଇଜର ପ୍ରତାପ ନାଏକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।









### ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର

## ମହାନଦୀ ସେତୁ ଉପରୁ ଡେଇଁଲେ ଛାତ୍ରୀ

**ବୌଦ୍ଧ, ୨୫ ।୧(ସମିସ):** ବୌଦ୍ଧ ମହାନଦୀ ସେତୁରୁ ଗୁରୁବାର ଡେଇଁ ପଡ଼ିଥିବା ଜଣେ ଛାତ୍ରୀ ବଞ୍ଚିଯାଇଛନ୍ତି । ଏହି ଛାତ୍ରୀ ଜଣକ ହେଲେ ବୌଦ୍ଧ ମଡେଲ ଡିଗ୍ରୀ କଲେଜ ଯୁକ୍ତ ୩ ପ୍ରଥମ ବର୍ଷ କଳା ବିଭାଗର ସନ୍ଧ୍ୟାସିନି ପ୍ରଧାନ । ତାଙ୍କ ଘର କିଆକଟା ଥାନା ହେଲେଇ ଗ୍ରାମରେ । ସେତୁଠାରୁ ପ୍ରାୟ ୧ କିମି ଦୂରରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଛନ୍ତି । ସେ କଲେଜରୁ ଘରକୁ ଫେରୁଥିଲାବେଳେ ହଠାତ୍ ସାଇକଲଟିକୁ ବ୍ରିଜ ଉପରେ ରଖିଦେଇ ତଳକୁ ଡେଇଁ ପଡ଼ିଥିଲେ । ବ୍ରିଜରେ ଯିବା ଆସିବା କରୁଥିବା ଲୋକେ ଏହା ଦେଖି ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଏହି ସମୟରେ ସ୍ଥାନୀୟ ଇରିଗେଶନ କୋଲୋନୀର କିଛି ଲୋକ ଦେଖି ଉଦ୍ଧାର କରି କୂଳକୁ ଆଣିଥିଲେ । ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତେବେ ସେ ନଦୀକୁ ଡେଇଁବା କାରଣ ଅସ୍ପଷ୍ଟ ରହିଛି । ବୌଦ୍ଧ ଆଦର୍ଶ ଥାନା ପୁଲିସ ଏ ସମ୍ପର୍କରେ ଅଧିକ ତଦନ୍ତ ଜାରି ରଖିଛି ।

## ଚାଷୀଙ୍କଠାରୁ ୩ ଲକ୍ଷ ଟଙ୍କା ଲୁଟ୍

**ତରଭା, ୨୫ ।୧(ସମିସ):** ତରଭା-ଚାରଭଟା ରାସ୍ତାର ବେଲମୁଣ୍ଡା ଓ ସରଗଜ ରାସ୍ତାରେ ଗୁରୁବାର ଅପରାହ୍ନରେ ଜଣେ ଧାନଚାଷୀ ଲୁଟ୍‌ର ଶିକାର ହୋଇଛନ୍ତି । ଲୁଟ୍‌ର ଶିକାର ହୋଇଥିବା ଏହି ବ୍ୟକ୍ତି ଜଣକ ହେଲେ ସରଗଜ ଗ୍ରାମର ପ୍ରମୋଦ ଦାଶ । ତରଭା ଷ୍ଟେଟ ବ୍ୟାଙ୍କରୁ ସେ ତାଙ୍କ ଧାନକିଣା ବାବଦକୁ ୩ ଲକ୍ଷ ୧୬ ହଜାର ୩ଶହ ଟଙ୍କା ଉଠାଇଥିଲେ । ବେଗରେ ଟଙ୍କା ଭର୍ତ୍ତି କରି ଅପରାହ୍ନ ୪ଟାରେ ଜଣକଙ୍କ ବାଇକ୍‌ରେ ଫେରୁଥିଲେ । ବେଲମୁଣ୍ଡା ଓ ସରଗଜ ହାଇସ୍କୁଲ ମଝିରେ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଟଙ୍କା ବ୍ୟାଗ୍ ଛଡାଇ ନେଇ ପଳାଇଥିବା ସେ ତରଭା ଥାନାରେ ଅଭିଯୋଗ କରିଛନ୍ତି । ଏସ୍‌ଡିପି ପ୍ରତାପ ତ୍ରିପାଠୀ, ତରଭା ଥାନା ଅଧିକାରୀ ଅନିତା କିଡୋ, କମସରା ଫାଣ୍ଡି ଅଧିକାରି ଗଜାନନ ବେହେରା ଆଖପାଖ ସିସିଟିଭିକୁ ଆଧାର କରି ତଦନ୍ତ ଜାରି ରଖିଛନ୍ତି ।

## ଶୁଭିଲାନି ଆଉ ଛେର୍‌ଛେର୍ ଛେର୍‌ଛେରା ଶବ୍ଦ

### ଲୋପ ପାଇବାକୁ ବସିଲାଣି ପୁଷପୁନି ପରମ୍ପରା

**କେସିଙ୍ଗା, ୨୫।୧ (ସମିସ):** ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ହୋଇଥିଲେ ମଧ୍ୟ ପୁଷପୁନି ଏକ ଗଣପର୍ବରୁ କମ ନୁହେଁ । ବର୍ଷ ବର୍ଷ ଧରି ପାଳିତ ହେଉଥିବା ଏହି ପର୍ବ ତାହାର ଚମକ ହରାଇବାକୁ ବସିଛି । ଆଉ ଶୁଭୁନି 'ଛେରଛେର୍ ଛେରା ଇ ଘର ବୁଡି କାହିଁ ଗଲା ଲିଆ ଖାଇ ଖାଇ ଛେରେଇ ହେଲା'କି ଶୁଭୁନି ଦାଣ୍ଡ ପିଣ୍ଡାରେ ବାଉଁଶ ବାଡ଼ିର ଶବ୍ଦ । ହେଉନି ଆଉ ପୁଷପୁନି ମଣ୍ଡା । ବଦଳୁଛି ଦୁନିଆ ଆଜିକାଲିର ଆଧୁନିକ ଯୁଗରେ ହଜିଯାଇଛି ପୁରୁଣା ପରମ୍ପରା ।କୃଷି ଭିତ୍ତିକ ଏହି ଗଣ ପର୍ବ ଖୋଜୁଛି ତାର ପୁରୁଣା ପରିଚୟ ।ଗୌନ୍ତିଆ ଓ ହଳିଆ ମଧ୍ୟରେ ବର୍ଷକର ଅନୁବନ୍ଧନ ର ମୁକସାକ୍ଷି ଏହି ପାରମ୍ପାରିକ ପର୍ବ ପାଳନ ର ବିଶେଷ ତାତ୍ପର୍ଯ୍ୟ ରହିଛି । ହଳିଆ ଏକ ବର୍ଷ ପାଇଁ ମାଲିକ ପାଖରେ ବନ୍ଧା ପଡ଼ି ଖେତ ଖଳା ର କାମ ସହିତ ଘରର ଯାବତୀୟ କାମ କରି ବର୍ଷକ ର ପାଉଣା ନେଇଥାଏ । ଓ ଆରବର୍ଷ ପୁଣି ପୁସ ପୁନୀ ଆସିଲେ ହାଲିଆ ମୁକୁଳି ଥାଏ । ଆଜିମଧ୍ୟ ଗାଆଁ ଗଅଲୀ ପିଲାରୁ ବୃଦ୍ଧ ଯାଏଁ ସକାଳୁ ବେଗ ଓ ହାତରେ ବାଡ଼ି ଖଣ୍ଡେ ଧରି ଏ ଘର ସେଘର ଯାଇ ସୁନ୍ଦର୍ ମନଛୁଆ ଛେର ଛେରା ଗୀତ ଗାଇ ଚାଉଳ ପଇସା ମାଗି ଆଣି ଭୋଜି ଭାତର ମଜା ନେଇ ଥାନ୍ତି ।କିନ୍ତୁ ସହରରେ ଆଉ ସେମିତି ଦେଖିବାକୁ ମିଳିନି ବର୍ତ୍ତମାନ ର ଯୁବ ପୀଢ଼ି ଛେର୍ ଛେରା ଗୀତ ପାଶୋରି ଗଲେଣି ।

## ଦେଓଗାଁ ବ୍ଲକ୍ ରବିଚାଷ ପାଇଁ ବିହନ କିଟ୍ ବଣ୍ଟନ

**ଦେଓଗାଁ, ୨୫।୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ୨୬ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମଗୁଡିକରେ ଚଳିତବର୍ଷ ରବିଚାଷ ପାଇଁ ବିହନ କିଟ ବଣ୍ଟନ କରାଯାଇଛି । ବ୍ଲକ କୃଷି ବିଭାଗ ତରଫରୁ ୱାଲ୍ଡ ଭେଜ ସଂସ୍ଥା ଓ ଆରସିଡିସି ସହାୟତାରେ ପ୍ରତି ପଞ୍ଚାୟତ ମୁଖ୍ୟାଳୟରେ ଚାଷୀଙ୍କୁ ରବିଚାଷ ପାଇଁ ମୁଗ, ବିରି, ସୋରିଷ, ତିଆସି ଚଣା, ମୁଶରୀ ଆଦି ଚାଷୀଙ୍କୁ ପ୍ରଦାନ କରାଯାଇଥିଲା । ବିଭାଗୀୟ ସୂଚନାମତେ, ୨୧୯୦ ହେକ୍ଟର ଚାଷ ଜମି ମଧ୍ୟରୁ ମୁଗ ୧୩ଶହ ହେକ୍ଟର, ବିରି ୫୨୦ ହେକ୍ଟର, ତିଆସି ଚଣା ୧୫୦ ହେକ୍ଟର, ଶୋରିଷ ୧୦୦ ହେକ୍ଟର ଚାଷ ଜମିରେ ରବିଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇ ହାରାହାରି ୬୫୭୦ ଜଣଚାଷୀଙ୍କୁ ବିହନ କିଟ ବଣ୍ଟନ କରାଯାଇଥିବା ଜଣାପଡ଼ିଛି ।

### ■ ତେଲ ନଦୀ ବ୍ରିଜ ଉପରେ କାର-ବାଇକ ଧକ୍କା

## ଦୁର୍ଘଟଣାରେ ବ୍ରିଜ୍ ତଳକୁ ଖସି ପଡ଼ିଲେ ୨ ବାଇକ୍ ଆରୋହୀ

**ସୋନପୁର/ଶଗଡ଼ା, ୨୫ ।୧ (ସମିସ):** ସୋନପୁରରୁ ମନୁମୁଣ୍ଡା ଯିବା ରାସ୍ତା ବ୍ରିଜ୍ ଉପରେ ଗୁରୁବାର ରାତି ସାଢେ ୮ଟାରେ ଦୁର୍ଘଟଣା ଘଟିଛି । ଗୋଟିଏ ବାଇକ୍ ଓ ଏକ କାର୍ ମୁହାଁ ମୁହିଁ ଧକ୍କା ହୋଇଛି । ଏଥିରେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଦମାମୁଣ୍ଡା ଗ୍ରାମର ବରୁଣ ସାଲମା, ଅଶୋକ ରାଜହଂସ ଏବଂ ସତ୍ୟ ରାଜହଂସ ଗୁରୁତର ହୋଇଛନ୍ତି । ଦୁର୍ଘଟଣା ଫଳରେ ବାଇକ୍‌ରେ ଥିବା ୩ ଜଣଙ୍କ ମଧ୍ୟରୁ ୨ ଜଣ ଆରୋହୀ ବ୍ରିଜ ତଳକୁ ଛିଟିକି ପଡ଼ିଥିଲେ । ବ୍ରିଜ ଉପରେ ପଡ଼ିଥିବା ଜଣକୁ ଦମକଳ ବାହିନୀ ସୋନପୁର ମେଡିକାଲରେ ତୁରନ୍ତ ଭର୍ତ୍ତି କରିଥିଲା । ତେବେ ବହୁ ସମୟ ପରେ ଖୋଜାଖୋଜି ପରେ ତେଲନଦୀ ଭିତରୁ ୨ ବାଇକ୍ ଆରୋହୀଙ୍କୁ ଉଦ୍ଧାର କରାଯାଇଥିଲା । ସମସ୍ତଙ୍କୁ ସୋନପୁର ମେଡିକାଲରେ ଭର୍ତ୍ତି କରାଯାଇଛି । ଘଟଣା ସ୍ଥଳରୁ କାର ଫେରାର ହୋଇ ଯାଇଛି ।

### ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା

## ଶିକ୍ଷକ ମୃତ, ଶିକ୍ଷୟିତ୍ରୀଙ୍କ ସହ ଆଉ ଜଣେ ଗୁରୁତର

**ହରଭଙ୍ଗା, ୨୫ ।୧(ସମିସ)**

ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଛତ୍ରଙ୍ଗ-ହରଭଙ୍ଗା ରାସ୍ତାର ଶଗଡ଼ିଆ ନାଳ ନିକଟରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି । ମୃତ ଶିକ୍ଷକ ଜଣକ ହେଲେ ପରମାନନ୍ଦ ସାହୁ । ତାଙ୍କ ଘର ଭେଜିଗୁଡ଼ା ଗାଁରେ । ସେହିଭଳି ତାଙ୍କ ସହ ଥିବା ପ୍ରମିଳା ସାହୁ ନାମ୍ନୀ ଅନ୍ୟ ଜଣେ ଶିକ୍ଷୟିତ୍ରୀ ଗୁରୁତର ହୋଇଛନ୍ତି । ଅନ୍ୟପକ୍ଷେ ଗୁରୁତର ହୋଇଥିବା ଦ୍ୱିତୀୟ ବାଇକ୍ ଚାଳକ ଜଣକ ହେଲେ ସଂକୁଳେଇ ପଞ୍ଚାୟତ ହରିହରପୁର ଗାଁର ଲଣ୍ଡା ମହାକୁଡ଼ । ଛତ୍ରଙ୍ଗରେ ଶିକ୍ଷକ, ଶିକ୍ଷୟତ୍ରୀମାନଙ୍କ ନେଇ ଏକ ତାଲିମ ଶିବିରରେ ଉଭୟ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ

**ତାଲିମ ଶିବିରରୁ ଘରେ ପହଞ୍ଚିପାରିଲେନି ଶିକ୍ଷକ**

ଦେଇ ବାଇକ୍ ଯୋଗେ ଘରକୁ ଫେରୁଥିଲେ । ଏହି ସମୟରେ ଛତ୍ରଙ୍ଗ ରାଇସ୍ ମିଲ୍‌ରୁ କାର୍ଯ୍ୟ ସାରି ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ଲଣ୍ଡା ମହାକୁଡ଼ଙ୍କ ସହ ଶଗଡ଼ିଆନାଳ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଲଣ୍ଡାଙ୍କ ହାତ ଭାଙ୍ଗି ଯାଇଥିବା ବେଳେ ଉଭୟ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ୩ଜଣ ରାସ୍ତାରେ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ହରଭଙ୍ଗା ମେଡିକାଲକୁ ନେଇଥିଲେ । ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ଶିକ୍ଷକ ପରମାନନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ହରଭଙ୍ଗା ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

## ବାତେଲିମା ପଞ୍ଚାୟତରେ 'ଆମ ଓଡ଼ିଶା-ନବୀନ ଓଡ଼ିଶା' ସଚେତନତା ଶିବିର

**ଲାଞ୍ଜିଗଡ଼, ୨୫।୧(ସମିସ):** ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଲାଞ୍ଜିଗଡ଼ ବ୍ଲକ ବାତେଲିମା ପଞ୍ଚାୟତରେ ଗୁରୁବାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ବାତେଲିମା ସରପଞ୍ଚ କରୁଣା ମାଝୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆମ ଓଡ଼ିଶା ନବୀନ ଓଡ଼ିଶା ସଂଯୋଜକ ବଦ୍ରୀ ପଟ୍ଟନାୟକ, ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର, ଲାଞ୍ଜିଗଡ଼ ଜୋନ୍-୨ ଜିଲ୍ଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ବିଜେଡ଼ି ଜିଲ୍ଲା ସାଧାରଣ ସମ୍ପାଦକ ପାତ୍ର ମାଝୀ, ଲାଞ୍ଜିଗଡ଼ ସରପଞ୍ଚ ସଂଘ ସଭାପତି ସାଣ୍ଡରୁ ମାଝୀ, ଲାଞ୍ଜିଗଡ଼ ସମିତି ସଭ୍ୟ ସଂଘ ସଭାପତି ଜଗଦୀଶ ବେନିଆଁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଶିବିରରେ ବାତେଲିମା ପଞ୍ଚାୟତ ନିର୍ବାହୀ ଅଧିକାରୀ ମାଧବାନନ୍ଦ କରୁଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ବିଷୟରେ ଆଲୋଚନା ହୋଇଥିଲା । ଏଅବସରରେ ଉଦ୍ୟାନ, କୃଷି, ଶିକ୍ଷା, ପ୍ରାଣୀସମ୍ପଦ, ଜଙ୍ଗଲ, ସ୍ୱାସ୍ଥ୍ୟ, ବିଦ୍ୟୁତ ବିଭାଗର ଷ୍ଟଲ୍ ଲାଗିଥିଲା । ଏହି ଶିବିରରେ ମଞ୍ଚ ପରିଚାଳନାରେ ଗୋପାଳ ଦାସ ମହାନନ୍ଦ ସହଯୋଗ କରିଥିବା ବେଳେ ଗ୍ରାମ ରୋଜଗାର ସେବକ ମୀନକେତନ ଦଳେଇ, ଯୋଗାଣ ସହାୟକ ମିଥୁନ ମହାଖୁଡ, ମୂରଲୀ ନାଏକ, ଭକ୍ତ ଦୋରା, ରାମୀୟ ରଞ୍ଜନ ସାମଲ ପ୍ରମୁଖ ସହଯୋଗ କରିଥିଲେ ।

### ■ ସମସ୍ୟାର ସମାଧାନ ନ ହେଲେ ଆଗକୁ ଆନ୍ଦୋଳନ

## ଏନ୍‌ଏସି ନିର୍ବାହୀ ଅଧିକାରିଣୀଙ୍କ ବଦଳି ଦାବି ଜୋର୍ ଧରିଲା

**କେସିଙ୍ଗା, ୨୫।୧(ସମିସ):** ସହରର ମୁଖ୍ୟ ସମସ୍ୟା ଉପରେ ଗତ ବୁଧବାର ହୋଇଥିବା ଆଲୋଚନାରେ ପ୍ରାୟ ଉପସ୍ଥିତ ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତା ଏକମତରେ କେସିଙ୍ଗା ନିର୍ବାହୀ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକଳାପକୁ ନିନ୍ଦା କରିବା ସହିତ ତାଙ୍କର ବଦଳି ଦାବି କରିଛନ୍ତି । ଉକ୍ତ ଅଧିକାରିଣୀ ଜଣଙ୍କ ଯେବେଠାରୁ କେସିଙ୍ଗାରେ ଯୋଗଦାନ କରିଛନ୍ତି ସେବେଠାରୁ କେସିଙ୍ଗାର ବିଭିନ୍ନ ସମସ୍ୟା ଦୂର ହେବା ପରିବର୍ତ୍ତେ ବୃଦ୍ଧି ପାଇବାରେ ଲାଗିଛି ବୋଲି ଅଭିଯୋଗ ହେଉଛି । କିଛି କଥା ପଚାରିଲେ କି ଫୋନ କଲେ ସେ ଫୋନ ନ ଉଠାଇବା ଓ ଦରକାର ପଡ଼ିଲେ ଫୋନ ନମ୍ବର ବ୍ଲକ କରିବା ଇତ୍ୟାଦି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ସେହିପରି କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟମିତ ନିଶ୍ଚେତକ ଡାକ୍ତରଙ୍କ ସହିତ ଭେଷଜ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଜରାଜୀର୍ଣ୍ଣ ହୋଇପଡ଼ି ରହିଥିବା କୋଣାର୍କ ଜିନିଙ୍ଗ ଓ ସ୍ପିନଙ୍ଗ ମିଲର



ପୁନଃରୁଦ୍ଧାର, ସ୍ୱତନ୍ତ୍ର ରେଜିଷ୍ଟ୍ରେସନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରିବା, ଆଦର୍ଶ ବିଦ୍ୟାଳୟ ପାଇଁ ପକ୍କା ରାସ୍ତା କରିବା, ସହରକୁ ଲାଗି ରହିଥିବା ବିଭିନ୍ନ ରାସ୍ତାର ଉନ୍ନତୀକରଣ ସାଙ୍ଗକୁ ଏମ୍‌ଏସଏମଇ ପାର୍କରେ ସରକାରଙ୍କ ତରଫରୁ ଶୀଘ୍ର ଟେକ୍ସଟାଇଲ ପାର୍କ ଆରମ୍ଭ କରିବା ଇତ୍ୟାଦି । ଏହି ସବୁ ଛୋଟ ଛୋଟ ସମସ୍ୟା ଶୀଘ୍ର ପୂରଣ ନ ହୁଏ ତେବେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ଆରମ୍ଭ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ।

## ୟୁଥ୍ ଏକ୍ସଚେଞ୍ଜ କାର୍ଯ୍ୟକ୍ରମରେ ଅହମଦାବାଦ ଗଲେ ୨୦ ଛାତ୍ରଛାତ୍ରୀ

**ଭବାନୀପାଟଣା, ୨୫।୧(ସମିସ):** ୧୫ତମ ୟୁଥ୍ ଏକ୍ସଚେଞ୍ଜ କାର୍ଯ୍ୟକ୍ରମ ଓଡ଼ିଶା ସିଆରପିଏଫ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଭବାନୀପାଟଣା ୬୪ ସିଆରପିଏଫ୍ ଓ ନେହରୁ ଯୁବ କେନ୍ଦ୍ର ଦ୍ୱାରା ଆୟୋଜିତ ହୋଇଛି । ଭାରତ ସରକାରଙ୍କ ଖେଳ ଓ ଯୁବବ୍ୟାପାର ଏବଂ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ନବମ ପର୍ଯ୍ୟାୟରେ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ଆଦିବାସୀ ଅଞ୍ଚଳର ୨୦ ଜଣ ମନୋନୀତ୍ର (୧୦ ଛାତ୍ର ଓ ୧୦ ଛାତ୍ରୀ) ଏହି କାର୍ଯ୍ୟକ୍ରମରେ ଗୁଜରାଟର ଅହମଦାବାଦ ଅଭିମୁଖେ ଗସ୍ତ କରିଛନ୍ତି । କାର୍ଯ୍ୟକ୍ରମରେ ୬୪ ବାଟାଲିୟନ କମାଣ୍ଡାଣ୍ଟ ପଙ୍କଜ ଚୌଧୁରୀ, ଉପ କମାଣ୍ଡାଣ୍ଟ ଜିତବାହାନ, ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର ପ୍ରମୁଖ ସବୁଜ ପତକା ଦେଖାଇ ୟୁଥ୍ ଏକ୍ସଚେଞ୍ଜ ଯାତ୍ରାର ଶୁଭାରମ୍ଭ କରିଥିଲେ । ଅଂଶଗ୍ରହଣକାରୀମାନେ ପ୍ରେରଣାର ମୂଲ୍ୟବୋଧକୁ ନିଜ ନିଜ ଗୋଷ୍ଠୀରେ ସାମିଲ୍ କରିବେ, ପରିବର୍ତ୍ତନ ନିର୍ମାତା ହେବେ ଏବଂ ଅନ୍ୟମାନଙ୍କୁ ପ୍ରେରଣା ଦେବା ପାଇଁ ସକାର ।କ ପରିବର୍ତ୍ତନ ଆଣିବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ ।

## ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା-ନବୀନ ଓଡ଼ିଶା' ସଚେତନତନା କାର୍ଯ୍ୟକ୍ରମ

**କଲମପୁର, ୨୫।୧(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅନ୍ତର୍ଗତ ହାରାମାଲ ପଞ୍ଚାୟତର ହାରାମାଲ ଧାନ ମଣ୍ଡିଠାରେ ପଞ୍ଚାୟତସ୍ତରୀୟ ' ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ହାରାମାଲ ପଞ୍ଚାୟତ ସରପଞ୍ଚ ସୁଶୀଳା ଦୁର୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ମାଣ୍ଡାଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦାନ କରି 'ଆମ ଓଡ଼ିଶା ନବୀନ ଓଡ଼ିଶା' ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ରୂପାନ୍ତରୀକରଣ ବିଷୟରେ ମାର୍ଗଦର୍ଶନ କରିଥିଲେ । ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟା କରୁଣା ବାଗ, ଦକ୍ଷିଣ କେନାଲ ସହକାରୀ ଯନ୍ତ୍ରୀ ପ୍ରତାପ କୁମାର ବେହେରା, ସମାଜସେବୀ ସୁଶୀଲ କୁମାର ରାଉତ, ସରପଞ୍ଚ ପ୍ରତିନିଧି ଭକ୍ତରାଜ ଦୁର୍ଗା, ଜିପିଇଓ ଜିତେନ୍ଦ୍ର କୁମାର ଏବଂ ବିଏସ୍‌ଏସଓ କ୍ଷୀତିସୂତା ମେହେର, ହାରାମାଲ ରାଜସ୍ୱ ନିରୀକ୍ଷକ ସୁବୋଧ ନାଏକ ପ୍ରମୁଖ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ କଳାହାଣ୍ଡିର କଟପ୍ପା ନାଚ, ରସ ଜାମୁଡାଲି ଗୀତ ସହ ଅନେକ ସମ୍ବଲପୁରୀ ଗୀତରେ କଳାକାରମାନେ ନାଚି ଲୋକଙ୍କ ମନମୋହି ଥିଲେ । ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ କ୍ଷୀତିସୁତା ମେହେର, ନୀଳକଣ୍ଠ ନାଏକ ଓ ପରମାନନ୍ଦ ଠାକୁର । ଏଥିରେ ହାରାମାଲ ଗ୍ରାମ ପଞ୍ଚାୟତର ପିଇଓ ଲାଲସୁନ୍ଦର ଶବର, ଜିଆର୍‌ଏସ୍ ପାର୍ଥସାରଥୀ ସାହୁ, ଯୋଗାଣ ସହାୟକ ଚୈତନ୍ୟା ଲହଜଳ, କୈଳାଶ ନାଗ, କେଶରୀ ବାଗ, ରାମେଶ୍ୱର ନାଏକ ପ୍ରମୁଖ ସହଯୋଗ କରିଥିଲେ ।

## 'ଆମ ଓଡ଼ିଶା -ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଭବାନୀପାଟଣା, ୨୫।୧(ସମିସ):** ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ଉପରେ ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଗୁଡିଆଲିପଦର ପଞ୍ଚାୟତଠାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବ ବରିଷ୍ଠ ଉପ ସଭାପତି ମଣ୍ଟୁ ନାଏକ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ସରକାରଙ୍କ ୫ଟି ବିଦ୍ୟାଳୟ ରୂପାନ୍ତରୀକରଣ, ମହିଳା ସଶକ୍ତିକରଣ ଓ ଭିତ୍ତିଭୂମି ବିକାଶ, ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ ଆଦି ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ନବୀନ ଓଡ଼ିଶାର ସଂଯୋଜକ ବଦ୍ରିନାରାୟଣ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବରେ ଯୁବନେତା ସତ୍ୟବ୍ରତ ଦାସ, ଗୁଡିଆଲିପଦର ସରପଞ୍ଚ ପ୍ରିୟଙ୍କା ମହାକୁଡ଼, ସମିତି ସଭ୍ୟ ଭୁବନେଶ୍ୱର ମାଝୀ, ପ୍ରଧାନଶିକ୍ଷକ ନୀଳମଣି ଦୁର୍ଗା, ବ୍ଲକ ସହକାରୀ ଯନ୍ତ୍ରୀ ବାଞ୍ଛାବଟ ପାଣ୍ଡେ, ପିଇଓ ରାଧାକାନ୍ତ ରଣା, ଜିଆରଏସ ମଳୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ହିତାଧିକାରୀମାନଙ୍କୁ ହରିଶ୍ଚନ୍ଦ୍ର ଯୋଜନା ଏବଂ ମଧୁବାବୁ ପେନସନ ଯୋଜନା ଅନ୍ତର୍ଗତ ଅର୍ଥ ରାଶି ପ୍ରଦାନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼, ୨୫ ।୧(ସମିସ):** ଲାଞ୍ଜିଗଡ଼ ବ୍ଲକର ଛତ୍ରପୁର ପଞ୍ଚାୟତରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ସୁମତି ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭ୍ୟ ସନ୍ୟାସୀ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ । ଗୋପାଳ ଦାସ ମହାନନ୍ଦ ପରିଚାଳନା କରିଥିବା ବେଳେ ଛତ୍ରପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୋଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ।



ଏହି କାର୍ଯ୍ୟରେ ଲାଞ୍ଜିଗଡ଼ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଜିପିଓ ସରୋଜ ପ୍ରଧାନ, ସାଲକୋ ହେମ୍ବ୍ରମ୍, ସିଡିପିଓ ବିଜୟସିନି ସିଂ ଦେଓ, ଅରବିନ୍ଦ ମହାପାତ୍ର, ପଙ୍କଜ ବଳିଆର ସିଂ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସେନାପତି ନାଏକ, ଛତ୍ରପୁର ସମିତି ଜଗନ୍ନାଥପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ତାପସ ସାହୁ, ବାତେଲିମା ପଞ୍ଚାୟତ ନିର୍ବାହୀ ଅଧିକାରୀ ମାଧବାନନ୍ଦ କରୁଆ, କୁମଖାଲ ପଞ୍ଚାୟତ ନିର୍ବାହୀ ଅଧିକାରୀ ମୋହନ ହରିଜନ, ଛତ୍ରପୁର ଜିଆରଏସ କିଶୋର, ଯୋଗାଣ ସହାୟକ ମିଥୁନ ମହାଖୁଡ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସରପଞ୍ଚ ସୁମତି ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

**କଲମପୁର:** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକର ମିନି ଷ୍ଟାଡିୟମରେ କଲମପୁର ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କଲମପୁର ସରପଞ୍ଚ ସୂର୍ଯ୍ୟକାନ୍ତି ପଣ୍ଡାଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ବିଡିଓ ବିଜୟ ମାଣ୍ଡାଙ୍ଗି, ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ଜିଲ୍ଲା ପରିଷଦ ସଭ୍ୟା ନିବେଦିତା ହଂସ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ କ୍ଷିତିସୁତା ମେହେର, ସଦାନନ୍ଦ ଚନ୍ଦନ, ପୂର୍ବତନ ସରପଞ୍ଚ ଚତୁର୍ଭୁଜ ପଣ୍ଡା, କନିଷ୍ଠ ଯନ୍ତ୍ରୀ ଶ୍ରୁତି ରଞ୍ଜନ ସେଠୀ, ସିଡ଼ିପିଓ ପ୍ରତିମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଃଶାସନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ସାମ୍ବାଦିକ ରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଜିଆର୍‌ଏସ୍ ପ୍ରକାଶ ଠାକୁର ପ୍ରମୁଖ ସହଯୋଗ କରିଥିଲେ ।

## ଅମୋହମଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା



**କଲମପୁର, ୨୫।୧(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ଅମୋହମଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଚଳିତ ମାସ ୧୭ତାରିଖଠାରୁ ଆରମ୍ଭ ହୋଇ ଗୁରୁବାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅମୋହମଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବିବେକାନନ୍ଦ ଠାକୁର ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିବା ବେଳେ ଚିଲିଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମାନସ ରଞ୍ଜନ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କୁ ସାହିତ୍ୟ ସମ୍ବନ୍ଧୀୟ ଅନେକ ବାଣୀ ପ୍ରଦାନ କରିବା ସହ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ଏହି ଅବସରରେ ଅମୋହମଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଧନଞ୍ଜୟ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ବିଭୂତି ଭୂଷଣ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କଲମପୁର ଅମୋହମଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

### ବାକା କ୍ରିକେଟ କପ୍

## ଫାଇନାଲରେ ଲାସ୍କା ଓ ଦିଆନମୁଣ୍ଡା



**କୋମନା, ୨୫ ।୧(ସମିସ):** କୋମନା ବ୍ଲକ ଭେଲା ଡ. କାଟ ଜୁ ହାଇସ୍କୁଲ ଖେଳ ପଡ଼ିଆରେ ଭେଲା ବାକା କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୫୨ତମ ବାକା କ୍ରିକେଟ କପ୍ ଚାମ୍ପିଅନସିପ୍ ଫାଇନାଲରେ କୋମନା ଲାସ୍କା ଓ ଦିଆନମୁଣ୍ଡା ଦଳ ପ୍ରବେଶ କରିଛି । ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଭାନୁ ପ୍ରତାପସିଂ ମାଝୀ, ଆମ ଓଡ଼ିଶା, ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ରାମଲାଲ ହଂସ ବିଶେଷ ଅତିଥି, ପ୍ରସନ୍ନ ପାଢ଼ୀ, ବିଜେଡି ଜିଲ୍ଲା ସମ୍ପାଦକ ସୁଧୀର ମିଶ୍ର, ଗରିବ ସେନା ସଂଗଠକ ରବି ମଙ୍ଗରାଜ, ସାମ୍ବାଦିକ ଚେତୁରାମ ପ୍ରଧାନୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କୋମନା ଲାସ୍କା ଓ ଟିକ୍ରାପଡ଼ା ସହିତ ଦିଆନମୁଣ୍ଡା ଦଳ ମଧ୍ୟରେ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ କୋମନା ଲାସ୍କା ଓ ଦିଆନମୁଣ୍ଡା ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି । ଅମ୍ପାୟାର ଭାବେ ନଟ ଆଡବଙ୍ଗ, ଗୌତମ ନିଆଲ, ଶକ୍ତି ଶେଖର ମିଶ୍ର ଓ ସରୋଜ ବଛା ଖେଳ ପରିଚାଳନା କରିଥିଲେ । ମୁକେଶ ଦଣ୍ଡସେନା ଓ ରାହୁଲ ଶବର ଧାରାବିବରଣୀ ପ୍ରଦାନ କରିଥିଲେ । ଅମନ ଛତ୍ରିଆ ସ୍କୋରିଂ ଦାୟିତ୍ୱ ତୁଲାଇଥିବାବେଳେ ଯାସ ନିଆଲ ଅନଲାଇନ ସ୍କୋରିଂର ଦାୟିତ୍ୱ ତୁଲାଇଥିଲେ । କ୍ଲବ୍ ମେମ୍ବର ହୋତା ଆଡ଼ବଙ୍ଗ, ମୋହନ ରଣା, ଦୁଷ୍ମନ୍ତ ନିଆଲ, ନବୀନ ନିଆଲ, ସରୋଜ ବଛା, ରଥୁ ବଘେଲ, ବିକ୍ରମ ମହାନ୍ତି, ନରେଶ ଦଣ୍ଡସେନା, ସରୋଜ ନିଆଲ, ରିବୁ ସୁପକାର, ମୁନା ନିଆଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଶୁକ୍ରବାର କୋମନା ଲାସ୍କା ଓ ଦିଆନମୁଣ୍ଡା ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ ।

### ପଞ୍ଚାୟତସ୍ତରୀୟ ସଚେତନତା ଶିବିର

## ମୁଖ୍ୟମନ୍ତ୍ରୀଙ୍କ ସଫଳ ଯୋଜନା ପାଇଁ ବିକାଶ ଶୀର୍ଷରେ

**କୋକସରା/ଆମପାଣି, ୨୫।୧(ସମିସ)**

କୋକସରା ବ୍ଲକର ଗମ୍ଭାରୀଗୁଡା ଓ ଆମପାଣି ପଞ୍ଚାୟତରେ ଗୁରୁବାର 'ଆମ ଓଡ଼ିଶା ନବୀନ ଓଡ଼ିଶା, ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଗମ୍ଭାରୀଗୁଡା ପଞ୍ଚାୟତରେ ସରପଞ୍ଚ ଈଶରାମ ସୁନାନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ମୌଷଧୀ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଫଳ ଯୋଜନା ପାଇଁ ଆଜି କଳାହାଣ୍ଡି ଜିଲ୍ଲାର ବିକାଶ ଶୀର୍ଷରେ ପହଞ୍ଚି ପାରିଛି ବୋଲି ମତବ୍ୟକ୍ତ କରିଥିଲେ । ସମିତି ସଭ୍ୟା ପ୍ରମିଳା ଭୋଇ, ନାଏବ ସରପଞ୍ଚ ନନ୍ଦିନୀ ନାଗ, ପୂର୍ବତନ ସରପଞ୍ଚ ମଙ୍ଗଲୁ ଚରଣ ଭାଟି, ବିପିନ୍ ପଟ୍ଟନାୟକ, ଗମ୍ଭାରୀଗୁଡା ପଞ୍ଚାୟତ ବିଜେଡ଼ି ସଭାପତି କବି ଲହଜଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ, ବନ ବିଭାଗ, ସମନ୍ୱିତ ଶିଶୁ ବିକାଶ



ପ୍ରକଳ୍ପ, ଜଳସମ୍ପଦ ବିଭାଗ ଭଳି ବିଭିନ୍ନ ବିଭାଗର ସ୍ୱତନ୍ତ୍ର ଷ୍ଟଲ୍ ଗୁଡ଼ିକ ଖୋଲା ଯାଇଥିଲା । ଏହି କ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରୋହିତ ଠାକୁର କାର୍ଯ୍ୟକ୍ରମ ସଂଯୋଜନା ଓ ଜିଆରଏସ୍ ଦୀନବନ୍ଧୁ ନାଏକ ପରିଚାଳନା କରିଥିଲେ । ସେହିପରି ଆମପାଣି ପଞ୍ଚାୟତ ପକ୍ଷରୁ ବୁଢ଼ାରଜା ମଞ୍ଚ ପରିସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ମୌଷଧୀ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟର ସଚେତନତା ସୃଷ୍ଟି କରିବା ସହ ସେସବୁ ଯୋଜନାର ଲାଭ ଉଠାଇବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ସରପଞ୍ଚ ରୁକ୍ମିଣୀ ବାଣୁଆ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, କନିଷ୍ଠ ଯନ୍ତ୍ରୀ ଅମ୍ବିକା ମାଝୀ, ସୁରେଶ ଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଟିକିଚନ୍ଦ୍ର ମାଝୀ, ବୁଢ଼ାରଜା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାଗ୍ୟବାନ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପିଇଓ ଗୀରିଶ ଚନ୍ଦ୍ର ନାଏକ ସଂଯୋଜକ କରିଥିବାବେଳେ ମଞ୍ଚକୁ ଜିତେନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ । ଯୋଗାଣ ସହାୟକ ଦୁର୍ଯ୍ୟୋଧନ ଜାଲ ସମେତ ପଞ୍ଚାୟତ କର୍ମଚାରୀମାନେ ସହଯୋଗ କରିଥିଲେ । ସିଆରପି, ଏମବିକେ, ମିଶନ ଶକ୍ତି ମହିଳାମାନେ ସାମିଲ ହୋଇଥିଲେ ।

